ବର୍ଷ-୨୫, ସଂଖ୍ୟା-୦୭
ଭୁବନେଶ୍ୱର
୦୭, ଜାନୁଆରୀ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 07
Bhubaneswar
07, January, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଛତିଶଗଡ଼ରେ ନକ୍ସଲ ହମ୍‌ଲା : ୯ ଯବାନ ସହିଦ



ବିଜାପୁର,୬।୧(ମହାଭାରତ): ଛତିଶଗଡ଼ର ବିଜାପୁରରେ ଭୟଙ୍କର ବିସ୍ଫୋରଣ କରିଛନ୍ତି ନକ୍ସଲ। ଅପରେସନରୁ ଫେରୁଥିବା ସୁରକ୍ଷାକର୍ମୀଙ୍କ ସ୍କର୍ପିଓକୁ ସେମାନେ ଆଇଇଡି ବିସ୍ଫୋରଣ ଦ୍ୱାରା ଉଡ଼ାଇ ଦେଇଛନ୍ତି। ଏଥିରେ ୮ ଜଣ ଯବାନ ସହିଦ ହୋଇଥିବା ବେଳେ ଗାଡ଼ି ଡ୍ରାଇଭର ବି ପ୍ରାଣ ହରାଇଛନ୍ତିଫ ଗାଡ଼ିଟି ମଧ୍ୟ ପୂରା ଛିନଛତ୍ର ହୋଇଯାଇଛି।

ବସ୍ତର ଆଇଜିଙ୍କ ସୂଚନା ଅନୁସାରେ, ଡିଆରଜି ଯବାନମାନେ ଗୋଟିଏ ସ୍ୱତନ୍ତ୍ର ଅପରେସନରେ ଯାଇଥିଲେ। ଦାନ୍ତେୱାଡା, ନରାୟଣପୁର ଓ ବିଜାପୁରରେ ଅପରେସନ ସାରି କ୍ୟାମ୍ପକୁ ଫେରୁଥିଲେ। ତେବେ କୁଟରୁ ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଆମ୍ବେଲି ଗାଁ ନିକଟରେ ଅଘଟଣ ଘଟିଛି।ଅପରାହ୍ଣ ପ୍ରାୟ ୨.୧୫ ମିନିଟରେ ଯବାନମାନଙ୍କ ଗାଡ଼ିକୁ ଟାର୍ଗେଟ କରି ମାଓବାଦୀମାନେ ଭୟଙ୍କର ଆଇଇଡି ବିସ୍ଫୋରଣ କରିଛନ୍ତି। ଫଳରେ ଗାଡ଼ିରେ ଥିବା ସମସ୍ତ ୮ ଯବାନ ଓ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଏହାପୂର୍ବରୁ ଅବୁଜହମାଦ ରିଜନରେ ସୁରକ୍ଷାକର୍ମୀମାନେ କରିଥିବା ଅପରେସନରେ ୫ ଜଣ ନକ୍ସଲ ନିହତ ହୋଇଥିଲେ। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା କ୍ୟାଡର ରହିଥିଲେ। ଏହି ଘଟଣା ପରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଛନ୍ତି।



ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ରାଜଧାନୀ ଭୁବନେଶ୍ୱରର କାନ୍ଥବାଡ଼ରେ ଓଡ଼ିଆ କଳା ସଂସ୍କୃତିର ଝଲକ।

# ଭାରତରେ ପଶିଲା ଚୀନ ଭୂତାଣୁ

**ନୂଆଦିଲ୍ଲୀ,୬।୧**(ମହାଭାରତ): ଚାଇନା ଭାଇରସ ଏଚଏମପିଭିକୁ ନେଇ ଭାରତରେ ଚିନ୍ତା ବଢ଼ିଛି। ଦେଶର ବିଭିନ୍ନ ସ୍ଥାନରୁ ୬ ଜଣ ଏଥିରେ ଆକ୍ରାନ୍ତ ହେବା ପରେ ସାରା ଦେଶରେ ଆତଙ୍କ ଖେଳି ଯାଇଛି। କର୍ଣ୍ଣାଟକର ବେଙ୍ଗାଲୁରୁରେ ୨ଟି, ତାମିଲନାଡୁର ଚେନ୍ନାଇରେ ୨ଟି, ଗୁଜରାଟ, ପଶ୍ଚିମବଙ୍ଗରେ ଜଣେ ଲେଖାଏଁ ଏଚଏମପିଭି ଆକ୍ରାନ୍ତ ଚିହ୍ନଟ ହେବା ପରେ ଚିନ୍ତା ବଢିଯାଇଛି। କର୍ଣ୍ଣାଟକରେ ଏହି ସଂକ୍ରମଣ ଦୁଇ ମାସର ଶିଶୁକନ୍ୟା ଏବଂ ୮ ମାସର ବାଳକଠାରେ ଦେଖିବାକୁ ମିଳିଛି। ସେହିପରି ଗୁଜରାଟର ଅହମଦାବାଦରେ ଦୁଇ ମାସର ଶିଶୁକନ୍ୟାଠାରେ ଏହାର ସଂକ୍ରମଣ ହୋଇଛି। ଆକ୍ରାନ୍ତଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟ ସରକାର ଆଡଭାଇଜରି ଜାରି କରିଛନ୍ତି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କହିବା କଥା ଯେ ଏଚଏମପିଭି କୌଣସି ନୂଆ। ପ୍ରକାରର ଭାଇରସ ନୁହେଁ।ତେଣୁ ଦେଶବାସୀ ବ୍ୟସ୍ତ ହୁଅନ୍ତୁ ନାହ। ଏହି ଭାଇରସ ପ୍ରଥମେ ୨୦୦୧ରେ ଚିହ୍ନଟ ହୋଇଥିଲା ସେବେଠାରୁ ଏହା ବିଶ୍ୱର ବିଭିନ୍ନ ସ୍ଥାନରେ ରହିଛି ବୋଲି ନଡ୍ଡା କହିଛନ୍ତି। ଭାଇରସକୁ ନେଇ ସୋଶାଲ ମିଡିଆରେ ବିଭିନ୍ନ ପ୍ରକାରର ଆଲୋଚନା ଚାଲିଛି ଏହାକୁ ଦେଖି ଲୋକ ଆତଙ୍କିତ ହେବାରେ ଲାଗିଛନ୍ତି। ଲୋକଙ୍କ ଆଶଙ୍କା ଦୂର କରିବା ପାଇଁ ନଡ୍ଡା ଗୋଟିଏ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ସରକାର ସକ୍ରିୟ ଭାବେ ସ୍ଥିତି ଉପରେ ନଜର ରଖିଛନ୍ତି ଓ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି।

ଶ୍ରୀ ନଡ୍ଡା କହିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି ଯେ ଏହା କୌଣସି ନୂଆ ପ୍ରକାରର ଭାଇରସ ନୁହେଁ। ଏହା ପ୍ରଥମେ ୨୦୦୧ରେ ଚିହ୍ନଟ ହୋଇଥିଲା ଓ ବିଶ୍ୱର ଅନେକ ସ୍ଥାନରେ ଏହା ସେବେଠାରୁ ରହି ଆସିଛି। ଏଚଏମପିଭି ବାୟୁ ମଣ୍ଡଳରେ ସଂକ୍ରମଣ କରିଥାଏ। ଏହା ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିପାରିବ ଏହି ଭାଇରସ ଶୀତ ଦିନେ ଅଧିକ ବ୍ୟାପିଥାଏ।

ଚାଇନାରେ ବଢୁଥିବା ଏଚଏମପିଭି ସଂକ୍ରମଣ ସମ୍ପର୍କରେ ନଡ୍ଡା କହିଛନ୍ତି ଯେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆଇସିଏମଆର ଓ ଏନସିଡିସି ଚାଇନା ଓ ଅନ୍ୟ ପଡ଼ୋଶୀ ରାଷ୍ଟ୍ରରେ ଘଟୁଥିବା ଘଟଣା ଉପରେ ନଜର ରଖିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସ୍ଥିତିକୁ ପରିଖିଛି ଓ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ଖୁବଶୀଘ୍ର ମିଳିବ।ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସର୍ଭେଲାନ୍ସ



ନେଟର୍କ ପୂରା ସଜାଗ ରହିଛି।ସବୁ ପ୍ରକାରର ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ସମସ୍ତେ ପ୍ରସ୍ତୁତ ଆତଙ୍କିତ ହେବାର କୌଣସି ଆବଶ୍ୟକ ନାହିଁ।ଆମେ ସ୍ଥିତି ଉପରେ ନଜର ରଖିଛୁ।

କର୍ଣ୍ଣାଟକ ଆକ୍ରାନ୍ତଙ୍କର ଉଭୟଙ୍କର ବ୍ରୋଙ୍କୋପ୍ନୁମୋନିଆର ପାରିବାରିକ ଇତିହାସ ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ସମସ୍ତ ଆକ୍ରାନ୍ତ ଏବଂ ସେମାନଙ୍କ ପରିବାରର କେଣସି ଆନ୍ତର୍ଜାତୀୟ ଭ୍ରମଣ ଇତିହାସ (ଟ୍ରାଭେଲ୍ ହିଷ୍ଟି) ନାହିଁ। କର୍ଣ୍ଣାଟକ ମାମଲାରେ ଶିଶୁକନ୍ୟାଙ୍କୁ ଡିସଚାର୍ଜ କରାଯାଇଛି। ଶିଶୁପୁତ୍ରଟି ଏବେ ବେଙ୍ଗାଲୁରୁ ବାପିଟିଷ୍ଟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବୃହତ ବେଙ୍ଗାଲୁରୁ ମ୍ୟୁନିସିପାଲିଟି କର୍ପୋରେସନ (ବିବିଏମ୍ପି) ର ସୂତ୍ରରୁ ପ୍ରକାଶ ଯେ ଖୁବ୍ ଶୀଘ୍ର ଦ୍ୱିତୀୟ ଶିଶୁକୁ ମଧ୍ୟ ଡିସଚାର୍ଜ କରାଯାଇପାରେ ଅପରପକ୍ଷରେ ଗୁଜରାଟର ଅହମଦାବାଦ ମାମଲାରେ ଶିଶୁ ଜଣକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ତାମିଲନାଡୁର ଚେନ୍ନାଇ ସହରର ଦୁଇଟି ଭିନ୍ନ ଭିନ୍ନ ଡାକ୍ତରଖାନାରେ ଏହି ମାମଲା ସାମ୍ନାକୁ ଆସିଛି। ବର୍ତ୍ତମାନ ସୁଦ୍ଧା ଏହି ମାମଲାଗୁଡିକ ବିଷୟରେ ଅଧିକ ସୂଚନା ସାମ୍ନାକୁ ଆସିନାହିଁ ।ସେପଟେ ଏଚଏମପିଭି କୁ ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯିବ ଏବଂ ଏହାର ସଂକ୍ରମଣ ରୋକିବା ପାଇଁ କ'ଣ ସତର୍କତା ଅବଲମ୍ବନ କରାଯିବ। ସେ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ବୈଠକ କରୁଛନ୍ତି।

ଗୁଜରାଟରେ ଏକ ଦୁଇମାସର ଶିଶୁ ଏଚଏମପିଭି ପଜିଟିଭ ଚିହ୍ନଟ ହୋଇଛି । ଅହମଦାବାଦର ଚାନ୍ଦଖେଡାର ଘରୋଇ ହସ୍ପିଟାଲରେ ପିଲାଟିକୁ ଭର୍ତ୍ତି କରାଯାଇଛି । ତେବେ ଶିଶୁଟିର ଅବସ୍ଥା ସ୍ଥିର ରହିଛି । ତେବେ ଭୟ କରିବାର କୌଣସି ଆବଶ୍ୟକତା ନଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ ପିଲାର ସ୍ୱାସ୍ଥ୍ୟାବସ୍ଥା ଗତ ୧୫ଦିନରୁ ଥଣ୍ଡା-ଜ୍ୱର କାରଣରୁ ଖରାପ ଥିଲା । ସ୍ୱାସ୍ଥ୍ୟରେ ସୁଧାର ନଆସିବାର ପରିବାର ଲୋକେ ତାକୁ ଅହମଦାବାଦର ଚାନ୍ଦଖେଡା ସ୍ଥିତ ଅରେଂଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।କୋଲକାତାରେ ୬ ମାସର ଶିଶୁ ଶରୀରରେ ଚିହ୍ନଟ ହୋଇଛି ।ଗତ ନଭେମ୍ବରରେ ଚିହ୍ନଟ ପରେ ହସ୍ପିଟାଲରେ ସୁସ୍ଥ ଥିବା ସୂଚନା ମିଳିଛି।

ଦେଶ ତଥା ବିଶ୍ୱରେ ଏଭଳି ଅବସ୍ଥା ଦେଖି ମହାରାଷ୍ଟ୍ର ସରକାର ମଧ୍ୟ ସମ୍ପୂର୍ଣ୍ଣ ସତର୍କ ହୋଇଯାଇଛନ୍ତି। ଏଚଏମପିଭି ଭୂତାଣୁ ସମ୍ବନ୍ଧରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପରାମର୍ଶଦାତା ଜାରି କରାଯାଇଛି।

## ଇସ୍ତଫା ଦେଲେ ଜଷ୍ଟିନ ଟ୍ରୁଡୋ

ଓଟାୱା,୬।୧(ମହାଭାରତ): ଯାହା ଆଶା କରାଯାଉଥିଲା ତାହା ହେଲା। ଭାରତ ବିରୋଧରେ ବିଷ ଓଗାଳୁଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆଭ୍ୟନ୍ତରୀଣ ଅସନ୍ତୋଷ ଏବଂ ଲିବରାଲ ପାର୍ଟିରେ ଲୋକପ୍ରିୟତା ହରାଇବା କାରଣରୁ ଜଷ୍ଟିନ ଟ୍ରୁଡୋ ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି।

୨୦୧୫ରୁ ଜଷ୍ଟିନ ଟ୍ରୁଡୋ କାନାଡାର ପ୍ରଧାନମନ୍ତ୍ରୀ ଥିଲେ। ନୂଆ। ନେତା ନିର୍ବାଚିତ ନହେବା ପର୍ଯ୍ୟନ୍ତ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରେ ଜାରି ରହିବେ କି ନା ତାହା



ସ୍ପଷ୍ଟ ହୋଇନାହିଁ। ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଲିବରାଲ ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ନେତୃତ୍ୱ ପ୍ରସଙ୍ଗରେ ନିଷ୍ପତ୍ତି ନେବ। ଚଳିତ ସପ୍ତାହରେ ଏହି ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଲିବରାଲ ପାର୍ଟିସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପରବର୍ତ୍ତୀ ନେତା ଚୟନ ପାଇଁ ଅତି କମରେ ୩ ମାସ ସମୟ ଲାଗିବ । ଗତ କିଛି ବର୍ଷ ହେଲା କାନାଡାରେ ଟ୍ରୁଡୋଙ୍କ ଲୋକପ୍ରିୟତା କମିଚାଲିଥିଲା। ନିଜର ବିଭିନ୍ନ ପଦକ୍ଷେପ ନେଇ ସେ ନିଜ ଦେଶରେ ଓ ବାହାରେ ବିବାଦୀୟ ଥିଲେ। ଫଳରେ ଲିବରାଲ ପାର୍ଟି ପାଇଁ ସେ ଏକ ବୋଝ ସଦୃଶ ହୋଇଯାଇଥିଲେ।କାନାଡ଼ିୟ ନାଗରିକମାନଙ୍କୁ ସମ୍ବୋଧିତ କରି ଜଷ୍ଟିନ ଟ୍ରୁଡୋ କହିଛନ୍ତି, ମୋର ସମସ୍ତ ଉଦ୍ୟମ ସତ୍ତ୍ୱେ ସଂସଦ ଅନେକ ଦିନ ଧରି ପାରାଲାଇଜ ହୋଇ ରହିଲା। କିନ୍ତୁ ମୁଁ ଜଣେ ଫାଇଟର ମୁଁ ମୋର ଦେଶ କାନାଡା ବିଷୟରେ ସର୍ବଦା ଚିନ୍ତା କରିବି ମୁଁ ମୋ ଦେଶର ଉନ୍ନତି ପାଇଁ ଲଢିବି ।ଏହି ସଂଗ୍ରାମ ଆଗକୁ ଜାରି ରହିବ। କାନାଡାର ଶାସକ ଲିବରାଲ୍ ପାର୍ଟିର ଅନେକ ନେତା ଅଭିଯୋଗ କରିଛନ୍ତି ଯେ ଜଷ୍ଟିନ ଟ୍ରୁଡୋ ଭାରତ ବିରୋଧରେ ଅଭିଯୋଗ କରି ସରକାରଙ୍କ ବିଫଳତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି କେତେକ ଅନ୍ତର୍ଜାତୀୟ ରିପୋର୍ଟ ଅନୁଯାୟୀ, ଲିବରାଲ୍ ପାର୍ଟିର ଅତି କମରେ ୨୦ ଜଣ ସାଂସଦ ପ୍ରଧାନମନ୍ତ୍ରୀ ପଦରୁ ଜଷ୍ଟିନ ଟ୍ରୁଡୋଙ୍କ ଇସ୍ତଫା ଦାବିରେ ଏକ ପିଟିସନରେ ଦସ୍ତଖତ କରିଛନ୍ତି ।

## ୫ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୬।୧(ମହାଭାରତ): ରାଜ୍ୟରେ ୫ଟି ଶିଳ୍ପ ପ୍ରକଳ୍ପରେ ମୋଟ ୪୪ ହଜାର ୭୯୩ କୋଟି ୩ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଆଉ ୨୩୦୦୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଯାଜପୁର ଓ କଟକ ଜିଲ୍ଲାରେ ୨ଟି ଲେଖାଏଁ ଓ ଢେଙ୍କାନାଳରେ ଗୋଟିଏ ଶିଳ୍ପ ପ୍ରକଳ୍ପକୁ ମିଶାଇ ମୋଟ ୫ଟି ଶିଳ୍ପ ପ୍ରକଳ୍ପରେ ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ୩୮ତମ ହାଇଲେଭଲ କ୍ଲିଅରାନ୍ସ ଅଥରିଟି ବୈଠକରେ ରିଫାଇନାରୀ ଓ ପେଟ୍ରୋକେମିକାଲ, ଗ୍ରୀନ୍ ଏନର୍ଜି ଉପକରଣ, ବାୟୋଟେକ୍ନୋଲୋଜି, ଷ୍ଟିଲ ଆଣ୍ଡ କେମିକାଲସ୍ କ୍ଷେତ୍ରର ଏହି ପୁଞ୍ଜିନିବେଶ ରାଜ୍ୟର ୩ଟି ଜିଲ୍ଲାରେ ଶିଳ୍ପ ପ୍ରକଳ୍ପରେ ହେବ। ଯାହା ଓଡ଼ିଶାରେ ଶିଳ୍ପ ଓ ଆର୍ଥିକ ଭିତ୍ତିଭୂମିକୁ ଗତିଶୀଳ କରାଇବ ଉତ୍କର୍ଷ ଓଡିଶା-୨୦୨୫ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜିତ ରୋଡଶୋବେଳେ ଏହି ପ୍ରସ୍ତାବ ଆସିଥିଲା ।

## ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ବ୍ରଜରାଜନଗର,୬।୧ : ବ୍ରଜରାଜନଗର ବିଜେଡିରେ ଗୋଷ୍ଠୀ କନ୍ଦଳ। ପୌରାଧ୍ୟକ୍ଷଙ୍କ ବିରୋଧରେ ନିଜ ଦଳର କାଉନ୍ସିଲ ଆଣିଲେ ଅନାସ୍ଥା। ଆଉ ତାଙ୍କୁ ସମର୍ଥନ ଦେଲେ ବିଜେପି ଓ ବିଏସ୍ପି କାଉନ୍ସିଲର। ଆଜି ସମସ୍ତ କାଉନ୍ସିଲ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଭେଟି ଅନାସ୍ଥା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରଜରାଜନଗର ପୌର ପରିଷଦରେ ୨୩ଟି ୱାର୍ଡ ରହିଛି। ଗତ ନିର୍ବାଚନରେ ବିଜେଡିରୁ ୨୦, ବିଜେପିରୁ ୨ ଓ ବିଏସ୍ପିରୁ ଜଣେ କାଉନସିଲର ଜିତିଥିଲେ। ଆଉ ପୌରାଧ୍ୟକ୍ଷା ହୋଇଥିଲେ ବିଜେଡିର ଯାଜ୍ଞସେନି ଓରାମ।

## ଜୟପୁରରେ ଓପିଏସ୍‌ସି ପରୀକ୍ଷା କେନ୍ଦ୍ର

ଭୁବନେଶ୍ୱର,୬।୧(ମହାଭାରତ): ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାର୍ଥୀଙ୍କ ପାଇଁ ଖୁସି ଖବର। କୋରାପୁଟ ଜିଲ୍ଲାର ଜୟପୁରଠାରେ ଏଣିକି ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇପାରିବେ। ଓଡ଼ିଶା ଲୋକସେବା ଆୟୋଗଙ୍କ ପକ୍ଷରୁ ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ଏହାଫଳରେ ଏଣିକି ଆୟୋଗଙ୍କ ଦ୍ୱାରା ପରିଚାଳିତ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକର ଲିଖିତ ପରୀକ୍ଷା କେନ୍ଦ୍ର ରାଜ୍ୟର ୫ଟି ପରିବର୍ତ୍ତେ ୬ଟି ଜୋନରେ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତମାସ ୧ ତାରିଖରେ ରାଜ୍ୟର ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହ ବୈଠକବେଳେ ଜୟପୁରଠାରେ ଏକ ପରୀକ୍ଷା କେନ୍ଦ୍ର ଖୋଲିବା ପାଇଁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଲୋକସେବା ଆୟୋଗଙ୍କ ଦ୍ୱାରା ଜୟପୁରଠାରେ ପରୀକ୍ଷା କେନ୍ଦ୍ର ସ୍ଥାପନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ସମ୍ବଲପୁର ସହର ବ୍ୟତୀତ ଜୟପୁର ସହରରେ ମଧ୍ୟ ଏଣିକି ଲିଖିତ ପରୀକ୍ଷା କେନ୍ଦ୍ର ହେବ।

## କଟକରେ ଯୁବତୀଙ୍କୁ ଛୁରା ମାଡ଼

**କଟକ,୬।୧**(ମହାଭାରତ)**:** ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ସମୟରେ ଚୌଧୁରୀ ବଜାର ଅଞ୍ଚଳର ଯୁବତୀ ପୁରୀ ଘାଟ ଥାନାଠାରୁ ଅଳ୍ପ ଦୂର ମାଣିକ ବଜାରରେ ଜଣେ ଯୁବତୀ ଛିଡ଼ା ହୋଇଥିଲେ। ଠିକ୍ ସେତିକି ବେଳେ ଜଣେ ଯୁବକ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

ଜନଗହଳୀ ପୂର୍ଣ୍ଣ କଟକ ସହରର ମାଣିକ ବଜାରରେ ଏଭଳି ଜଘନ୍ୟ ଘଟଣା ଘଟିଛି । ଯୁବତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏସସିବିରେ ଭର୍ତ୍ତି କରାଯାଇଛି। ଚୌଧୁରୀ ବଜାର ଅଞ୍ଚଳର ଯୁବତୀ ପୁରୀ ଘାଟ ଥାନାଠାରୁ ଅଳ୍ପ ଦୂର ମାଣିକ ବଜାରରେ ଛିଡ଼ା ହୋଇଥିଲେ। ଠିକ୍ ସେତିକି ବେଳେ ଜଣେ ଯୁବକ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ବେକ ଓ ଦେହକୁ ବାରମ୍ବାର ଭୁଷି ଥିଲେ। ସେହି ରାସ୍ତାରେ ଯାଉଥିବା ଲୋକମାନେ ପ୍ରଥମେ କିଛି ବୁଝି ପାରିନଥିଲେ। ତେବେ ଯୁବତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସେଠାକୁ ଧାଇଁ ଆସିଥିଲେ। ଲୋକଙ୍କ ଗହଳି ଦେଖି ଯୁବକ ଜଣକ ଚମ୍ପଟ ମାରିଥିଲା। ରକ୍ତ ଜୁଡୁବୁଡୁ ହୋଇଥିବା ଯୁବତୀଙ୍କୁ ସ୍ଥାନୀୟ ଲୋକେ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏବେ ମଧ୍ୟ ଯୁବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦବେଗଗଜନକ ରହିଛି। ତେବେ ଆକ୍ରମଣର କାରଣ ଜଣାପଡ଼ି ନାହିଁ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ମେଡିକାଲରେ ପହଞ୍ଚି ଯୁବତୀଙ୍କ ବୟାନ୍ ରେକର୍ଡ କରିଛି। ଯୁବତୀଙ୍କ ତଥ୍ୟ ଆଧାରରେ ପୁଲିସ୍ ଅଭିଯୁକ୍ତ ଯୁବକଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

## ମହାପ୍ରଭୁଙ୍କୁ ରୂପା ଶଙ୍ଖ ଦାନ

**ପୁରୀ,୬।୧(ମହାଭାରତ) :** ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ରୂପା ଶଙ୍ଖ ଦାନ କରିଛନ୍ତି ଜଣେ ଭକ୍ତ। ପ୍ରାୟ ୧ କେଜି ୬୧୯ ଗ୍ରାମର ଓଜନର ରୂପାରେ ନିର୍ମିତ ଅଢେଇ ଲକ୍ଷ ଟଙ୍କାର ଶଙ୍ଖକୁ ସମ୍ବଲପୁରରୁ ଆଣିଛନ୍ତି ଭକ୍ତ। ଭକ୍ତ ନଳିନୀ ପ୍ରଭା ଦାସଙ୍କ ପରିବାର ଆଜି ପୁରୀ ଆସିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନକୁ ଶଙ୍ଖ ଦାନ କରିଛନ୍ତି। ଶ୍ରୀମନ୍ଦିର ଦଇତାପତି ସେବାୟତଙ୍କ ପରାମର୍ଶ ଅନୁସାରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ସେ ଏହି ଶଙ୍ଖଟି ହସ୍ତାନ୍ତର କରିଥିଲେ। ନଳିନୀଙ୍କର ମହାପ୍ରଭୁଙ୍କୁ ରୂପାରେ ନିର୍ମିତ ଶଙ୍ଖ ଦେବାର ମାନସିକ ରଖିଥିବା ହେତୁ କଟକରେ କୁଶଳୀ କାରିଗରଙ୍କ ଦ୍ୱାରା ଅତି ନିଖୁଣ କାରୁକାର୍ଯ୍ୟରେ ଏହି ଶଙ୍ଖ ସେ ପ୍ରସ୍ତୁତ କରିଥିଲେ ।ତେବେ ଆଜି ସପରିବାର ଆସି ସେହି ଶଙ୍ଖ ଦାନ କରିଥିବା ବେଳେ ମହାପ୍ରଭୁଙ୍କ ସୁବର୍ଣ୍ଣ ବେଶରେ ଏହି ଶଙ୍ଖକୁ ଧାରଣ କରିବା ନେଇ ମନସ୍କାମନା କରିଛନ୍ତି। ଶଙ୍ଖ ଦାନ ପରେ ସେ ବେଶ ଖୁସି ଥିବା ବେଳେ ମହାପ୍ରଭୁ କେବଳ ଗୋଟିଏ ଥର ସେହି ଶଙ୍ଖକୁ ଧାରଣ କରିଦେଲେ ତାଙ୍କର ଆତ୍ମା ତୃପ୍ତି ହେଇଯିବ ବୋଲି ମତ ରଖିଛନ୍ତି।

## ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଶିଳାନ୍ୟାସ

ଭୁବନେଶ୍ୱର,୬।୧(ମହାଭାରତ): ସଂଯୋଗୀକରଣ ବୃଦ୍ଧି ତଥା ସାମାଜିକ ଓ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକାଧିକ ପ୍ରମୁଖ ରେଳ ପ୍ରକଳ୍ପର ଶୁଭାରମ୍ଭ କରିଥିବାବେଳେ କେତେକର ଶିଳାନ୍ୟାସ କରିଛନ୍ତି ।ଏହି ପଦକ୍ଷେପଗୁଡ଼ିକ ବିଭିନ୍ନ ଅଞ୍ଚଳରେ ବିଶେଷ ଭାବେ ଓଡିଶା, ଜାମ୍ମୁ କାଶ୍ମୀର ଏବଂ ତେଲେଙ୍ଗାନାରେ ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି।

ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ଭିତ୍ତିପ୍ରସ୍ତର ସ୍ଥାପନ - ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପୂର୍ବତଟ ରେଳପଥର ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଶିଳାନ୍ୟାସ କରିଛନ୍ତି।

ଏହି ପ୍ରକଳ୍ପର ନିର୍ମାଣ ପାଇଁ ଆନୁମାନିକ " ୧୦୭ କୋଟି ଟଙ୍କା ମଞ୍ଜୁର କରାଯାଇଅଛି ଯାହା ଓଡିଶା, ଆନ୍ଧ୍ରପ୍ରଦେଶ ଏବଂ ଜମ୍ମୁକାଶ୍ମୀର ସହ ଏହାର ଆଖପାଖ ଅଞ୍ଚଳରେ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି ଏହି ନିର୍ମାଣ କାର୍ଯ୍ୟ ନୂତନ ରେଳମଣ୍ଡଳ କାର୍ଯ୍ୟାଳୟ ଭବନ ସହ ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ, ଅଧିକାରୀ ଏବଂ କର୍ମଚାରୀଙ୍କ ରହିବା ପାଇଁ ଆଧୁନିକ ଆବାସ ସୁବିଧା ଯୋଗାଇବ।



ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଏକ ଉଲ୍ଲେଖନୀୟ ଘଟଣା ଥିଲା ଯେଉଁଥିରେ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ରହି ଏହାର ଶିଳାନ୍ୟାସ କରିଥିଲେ। ରାୟଗଡାରେ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ; ଭାରତ ସରକାରଙ୍କ ରେଳବାଇ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ଏବଂ ଏହି ଅଞ୍ଚଳର ବହୁ ବିଶିଷ୍ଟ ସାଂସଦ ମାନଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଯୋଗଦେଇଥିଲେ ।ରାୟଗଡା ରେଳ ମଣ୍ଡଳ ମୁଖ୍ୟାଳୟ: ରେଳ ଚଳାଚଳର ତଦାରଖ ପାଇଁ ବିଭାଗୀୟ କାର୍ଯ୍ୟାଳୟ ରାୟଗଡାରେ ଅବସ୍ଥିତ। ଏକ ଆଧୁନିକ ମଣ୍ଡଳ ରେଳବାଇ କାର୍ଯ୍ୟାଳୟ ଭବନ ପ୍ରାୟ ୧୨,୦୦୦ ବର୍ଗମିଟର କ୍ଷେତ୍ରରେ ନିର୍ମାଣ ହେବ ଯାହାକି ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ଦୁଇଟି ଫ୍ଲୋର ଉପଲବ୍ଧ ରହିବ। ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ: ଦୈନନ୍ଦିନ ରେଳ କାର୍ଯ୍ୟ ପରିଚାଳନା ଏବଂ ତଦାରଖ କରିବା। ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଆବାସ: ମଣ୍ଡଳର କର୍ମଚାରୀଙ୍କ ପାଇଁ ଆବାସ ସୁବିଧା ।ଉନ୍ନତ ପରିବହନ ସଂଯୋଗ : ସୁଗମ ସଂଯୋଗକୁ ସୁନିଶ୍ଚିତ କରିବା ପାଇଁ ଯୋଗାଯୋଗ କ୍ଷେତ୍ରରେ ବିକାଶ। ରାୟଗଡା ରେଳ ମଣ୍ଡଳର କାର୍ଯ୍ୟାଳୟ ଭବନ ପ୍ରତିଷ୍ଠା ଦକ୍ଷିଣ ଓଡିଶାର ଆଦିବାସୀ ବହୁଳ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି, ସ୍ଥାନୀୟ ଶିଳ୍ପ ସହିତ ଯୋଗାଯୋଗ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏହି ପ୍ରକଳ୍ପଟି ସ୍ଥାନୀୟ ଅଞ୍ଚଳର ବିକାଶକୁ ସକରାତ୍ମକ ଭାବରେ ପ୍ରଭାବିତ କରିବ ଏବଂ ସ୍ଥାନୀୟ ଜନସମୁଦାୟର ଉନ୍ନତ କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର କମ୍ଭମପତି ହରି ବାବୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦାନ କରିଥିବାବେଳେ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ରାୟଗଡା ରେଳ ମଣ୍ଡଳର କାର୍ଯ୍ୟାଳୟ ଭବନ ଶିଳାନ୍ୟାସ, ଜାମ୍ମୁ ରେଳ ମଣ୍ଡଳ ଏବଂ ଚର୍ଲାପଲ୍ଲୀ ଟର୍ମିନାଲ ଷ୍ଟେସନର ଉଦଘାଟନକୁ ତଦାରଖ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ। ଏହି ରେଳ ପ୍ରକଳ୍ପଗୁଡିକ ଆଞ୍ଚଳିକ ଅର୍ଥନୈତିକ ବିକାଶ, ପର୍ଯ୍ୟଟନ ଏବଂ ଭିତ୍ତିଭୂମି ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ୧୦ କୋଟିର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୬।୧ (ମହାଭାରତ) :** ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ସାଢେ ୯ କିଲୋଗ୍ରାମ ଓଜନର ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚାଲାଣ କରୁଥିବା ୨ ଭାରତୀୟ ମହିଳାଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ କୋଟି ଟଙ୍କା ହେବା ଅନୁମାନ କରାଯାଉଛି। ଭୁବନେଶ୍ୱର କଷ୍ଟମ୍ସ କମିସନରେଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୪ ତାରିଖ ଶନିବାରଦିନ କ୍ୱାଲାଲୁମ୍ପୁରରୁ ଫେରୁଥିବା କଷ୍ଟମ୍ସ ଅଧିକାରୀମାନଙ୍କ ଦ୍ୱାରା ୨ ଜଣ ଭାରତୀୟ ମହିଳାଙ୍କ ବ୍ୟାଗେଜ୍ ଯାଞ୍ଚ ବେଳେ ୧୯ଟି ପ୍ୟାକେଟ୍ ଜବତ କରାଯାଇଥିଲା। ଉକ୍ତ ପ୍ୟାକେଟ ଗୁଡ଼ିକରୁ ମିଳିଥିବା ସାମଗ୍ରୀର ପରୀକ୍ଷାରୁ ତାହା ହାଇଡ୍ରୋପୋନିକ୍ ଗଞ୍ଜେଇ ବୋଲି ଜଣାପଡ଼ିଥିଲା। ସେମାନଙ୍କଠାରୁ ମୋଟ ୯.୫୨୪ କିଲୋଗ୍ରାମ ହାଇଡ୍ରୋପୋନିକ ଗଞ୍ଜେଇ ଜବତ ହୋଇଛି। ଉଭୟ ମହିଳାଙ୍କୁ ଏନଡିପିଏସ ଆଇନ ୧୯୮୫ ଅନୁସାରେ ଗିରଫ କରିବା ପରେ ରିମାଣ୍ଡ ପାଇଁ ମାଜିଷ୍ଟ୍ରେଟଙ୍କ ସାମନାରେ ହାଜିର କରାଯାଇଛି। ହାଇଡ୍ରୋପୋନିକ୍ ଗଞ୍ଜେଇ ସେହି ଗଞ୍ଜେଇ ଗଛକୁ ବୁଝାଏ ଯାହା ବିନା ମାଟିରେ କେବଳ ଜଳ-ଭିତ୍ତିକ ପୋଷକ ଦ୍ରବଣ ବ୍ୟବହାର କରି ଚାଷ କରାଯାଏ। ଏହି ପଦ୍ଧତିରେ ଗଛର ଚେରକୁ ସିଧାସଳଖ ପୋଷକ ତତ୍ତ୍ୱ ଯୁକ୍ତ ପାଣିରେ ରଖାଯାଏ, ଯାହା ଦ୍ୱାରା ଗଞ୍ଜେଇ ଗଛ ଶୀଘ୍ର ବଢିଥାଏ ଓ ଅଧିକ ଅମଳ ଦେଇଥାଏ। ଏକ ନିୟନ୍ତ୍ରିତ ପରିବେଶରେ ଏହି ଚାଷ କରାଯାଏ।



# ଜୀବନଚର୍ଯ୍ୟା





## ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

## ଖବର

# ଆସିଲା 'ଏମରର୍ଜେନ୍ସି' ଟ୍ରେଲର-୨



କଙ୍ଗନା ରାଣାଓ୍ୱତଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଏମର୍ଜେନ୍ସି'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଛି। ଭାରତ ଇତିହାସର ଅନ୍ୟତମ ବିବାଦୀୟ ଅଧ୍ୟାୟକୁ ଲୋକଙ୍କ ସାମ୍ନାକୁ ଆଣିବ ଏହି ଚଳଚ୍ଚିତ୍ର। କଙ୍ଗନା ରାଣାଓ୍ୱତଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦେଶିତ 'ଏମର୍ଜେନ୍ସି'ରେ ୧୯୭୫ ମସିହାର ସେହି ଅଶାନ୍ତ ସମୟକୁ ଦର୍ଶାଯାଇଛି, ଯେତେବେଳେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ।ଟ୍ରେଲର ଆରମ୍ଭ ହେଉଛି ଜୟପ୍ରକାଶ ନାରାୟଣଙ୍କ ଦ୍ୱାରା ଇନ୍ଦିରା ଗାନ୍ଧୀଙ୍କୁ ଲେଖାଯାଇଥିବା ଏକ ଚିଠିରୁ, ଯାହା ତାଙ୍କୁ ମନେପକାଇ ଦେଉଛି ଯେ ପ୍ରଧାନମନ୍ତ୍ରୀ ଆସନ ଏବେ କେବଳ ଏକ ସିଂହାସନ ନୁହେଁ, ବରଂ ଏକ ଉଗ୍ର ସିଂହ, ଯାହାର ଗର୍ଜନ ସମଗ୍ର ବିଶ୍ୱରେ ପ୍ରତିଧ୍ୱନିତ ହେବଯ଼ ଏଥିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ପ୍ରାଧାନ୍ୟ ଦିଆଯାଇଛି, ଯାହାକି ଭାରତର ସ୍ୱାଧୀନତା ପରବର୍ତ୍ତୀ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ। ଟ୍ରେଲରରେ କ୍ରୁରତା, ହିଂସା ଏବଂ 'ଗଣତନ୍ତ୍ରର ହତ୍ୟା' ଦୃଶ୍ୟ ଦେଖିବାକୁ ମିଳିଛି। ଇନ୍ଦିରା ଗାନ୍ଧୀ ଅବତାରରେ କଙ୍ଗନାଙ୍କ ଜବରଦସ୍ତ ଅଭିନୟର ଝଲକ୍ ଟ୍ରେଲରରେ ନଜର ଆସିଛି। କଙ୍ଗନାଙ୍କ ବ୍ୟତୀତ ଅଟଳ ବିହାରୀ ବାଜପେୟୀ ଭୂମିକାରେ ଶ୍ରେୟସ ତଲପଡ଼େ, ଫିଲ୍ଡ ମାର୍ଶଲ ସାମ୍ ମାନେକ୍ସା ଭୂମିକାରେ ମିଲିନ୍ଦ ସୋମନ ଏବଂ ସଞ୍ଜୟ ଗାନ୍ଧୀ ଭୂମିକାରେ ବିଶାଖ ନାୟର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଛି। ଜାନୁଆରୀ ୧୭ରେ ପରଦାକୁ ଆସିବ 'ଏମର୍ଜେନ୍ସି'।



## ଉପକାରୀ ବରକୋଳି

ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।



ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।

ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।

ବରକୋଳିର ଆଚାର ମଧ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।

ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

# ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।
ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି



ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

# ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।
ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ଘରେ ରଖନ୍ତୁ ମାଠିଆ ବା ସୁରେଇ

ପୂର୍ବରୁ ଲୋକେ ଘରେ ମାଟିରେ ତିଆରି ମାଠିଆରେ ପାଣି ରଖି ପିଉଥିଲେ। ଆଗରୁ ପ୍ରତ୍ୟେକ ଲୋକଙ୍କ ଘରେ ମାଠିଆ ଦେଖିବାକୁ ମିଳୁଥିଲା। ବିଶେଷକରି ଗ୍ରୀଷ୍ମ ଦିନରେ



ଲୋକେ ମାଠିଆ ପାଣି ପିଇବାକୁ ଭଲ ପାଆନ୍ତି। ଏହା କେବଳ ପାଣିକୁ ପ୍ରାକୃତିକ ଭାବେ ଥଣ୍ଡା କରେନି ବରଂ ଏହାର ସ୍ୱାସ୍ଥ୍ୟଗତ ଗୁଣ ମଧ ରହିଛି। ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର।
ମାଟିରେ ତିଆରି ମାଠିଆ ଜୀବନରେ ଖୁସି ଆଣିବାରେ ମଧ ମହତ୍ତ୍ୱପୂର୍ଣ୍ଣ। ମାଠିଆକୁ ଗୁଡ଼ ଲକ ବୋଲି ମଧ କୁହାଯାଏ। ମାଠିଆ ସହ ସମ୍ବନ୍ଧିତ କିଛି ଉପାୟ ଆପଣେଇଲେ ଆର୍ଥିକ ସମସ୍ୟା ଦୂର ହେବାସହ ବାସ୍ତୁଦୋଷ ମଧ ଦୂର ହୋଇଥାଏ। ବାସ୍ତୁଶାସ୍ତ୍ରରେ ମଧ ମାଠିଆର ଅନେକ ଗୁରୁ□ ରହିଛି। ମାଠିଆ ସମ୍ବନ୍ଧୀୟ କିଛି ଉପାୟ ସମ୍ପର୍କରେ ଜାଣନ୍ତୁ ଯାହା ଆପଣଙ୍କ ଜୀବନରେ ଖୁସି ଭରିବା ସହ ଚିନ୍ତାରୁ ମୁକ୍ତ କରିଦେବ।
୧. ସବୁବେଳେ ମାଠିଆ ଭର୍ତ୍ତି କରି ରଖିବେ : ମାଠିଆ କେବେ ବି ଖାଲି ରଖିବେନି, ସବୁବେଳେ ଭର୍ତ୍ତି କରି ରଖିବେ। ମାଟି ସୁରେଇ କିମ୍ବା ମାଠିଆରେ ସବୁବେଳେ ପାଣି ରଖିବା ଉଚିତ। ମାଠିଆରେ ପାଣି ଭରି ରଖିବା ଶୁଭ ହୋଇଥାଏ।
୨. ଉତ୍ତର ଦିଗରେ ରଖିବେ : ବାସ୍ତୁଶାସ୍ତ୍ରରେ ମାଟି ତିଆରି ମାଠିଆର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମାଠିଆ କିମ୍ବା ସୁରେଇ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ। ଏହା ଉତ୍ତମ ଫଳ ପ୍ରଦାନ କରିଥାଏ। ଉତ୍ତର ଦିଗରେ ଜଳ ଦେବତା ବରୁଣ ବାସ କରନ୍ତି।

# ‘କାଦମ୍ବିନୀ ସାହିତ୍ୟ ମହୋତ୍ସବ’ ଓ ‘କାଦମ୍ବିନୀ ପତ୍ରିକାହାଟ’



**ଭୁବନେଶ୍ୱର,୬।୧ (ମହାଭାରତ):** ମାସିକ ପାରିବାରିକ ପତ୍ରିକା ‘କାଦମ୍ବିନୀ’ର ପକ୍ଷରୁ ‘କାଦମ୍ବିନୀ ସାହିତ୍ୟ ମହୋତ୍ସବ’ ଓ ‘କାଦମ୍ବିନୀ ପତ୍ରିକାହାଟ’ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ମରାଠୀ ସାହିତ୍ୟିକ ଡ. ଜ୍ଞାନେଶ୍ୱର ମୁଳେଙ୍କୁ ଚଳିତବର୍ଷର ସମ୍ମାନଜନକ ‘ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୫’ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି, ରୌପ୍ୟ ଫଳକ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଡ. ମୁଳେ କହିଲେ, ସାହିତ୍ୟର ମୂଲ୍ୟ ହେଉଛି ସ୍ୱତନ୍ତ୍ରତା, ସମତା ଓ ନ୍ୟାୟ। ଗୋଟିଏ ଭାଷା ସହ ଅନ୍ୟ ଭାଷାକୁ ଯୋଡ଼ିବା, ଗୋଟିଏ ସଂସ୍କୃତିକୁ ଅନ୍ୟ ସଂସ୍କୃତି ସହ ଯୋଡ଼ିବା, ଗୋଟିଏ ଅଞ୍ଚଳ ସହ ଅନ୍ୟ ଏକ ଅଞ୍ଚଳକୁ ଯୋଡ଼ିବା ଏବଂ ମୋଟାମୋଟି ଉପରେ ମାନବକୁ ପରସ୍ପର ସହ ଯୋଡ଼ିବା ହେଉଛି ସାହିତ୍ୟ। କାଦମ୍ବିନୀ ଦୀର୍ଘ ୨୫ବର୍ଷ ଧରି ଏହି କାର୍ଯ୍ୟ କରିଆସୁଥିବାରୁ ଡ. ମୁଳେ କାଦମ୍ବିନୀକୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ରହିଆସିଥିବା ସେ କହିଥିଲେ। କାଦମ୍ବିନୀ ପୁରସ୍କାର ରାଶିକୁ ନେଇ ସେ ଅନୁଦାନ ହିସାବରେ ଜମା କରି ଏହାକୁ ଭଲ ସମାଜସେବା କରୁଥିବା ବ୍ୟକ୍ତି, ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି କରୁଥିବା ବ୍ୟକ୍ତି, ପ୍ରଶାସନ କ୍ଷେତ୍ରରେ ଭଲ କାମ କରୁଥିବା ବ୍ୟକ୍ତି ଓ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ନାରୀଙ୍କୁ ପ୍ରତିବର୍ଷ ୨୫ ହଜାର ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।ମୁଖ୍ୟ ଅତିଥି ଭାବେ ଇନ୍ଦିରା ଗାନ୍ଧୀ ଜାତୀୟ କଳାକେନ୍ଦ୍ରର ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ ‘କିଟ୍ ଓ କିସ୍ ପରିଦର୍ଶନ କରି ଏହାର ପ୍ରଶଂସା କରିଥିଲେ। ସେ କହିଲେ, ଭବିଷ୍ୟତରେ ଯଦି କେହି ଭାରତର ବିଶ୍ୱବିଦ୍ୟାଳୟ ବିଷୟରେ ଇତିହାସ ଲେଖେ, ସେଥି ମଧ୍ୟରୁ ପ୍ରଥମ ୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଆସିବ।’ ଏଥିପାଇଁ ସେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଲେ, ଦେଶର ଅନ୍ୟ ଭାଷାର ପତ୍ରପତ୍ରିକା ଏବଂ ଓଡ଼ିଆ ଭାଷାଠାରୁ ଅଧିକ ପ୍ରଚଳିତ ଭାଷାର ପତ୍ରପତ୍ରିକାଗୁଡ଼ିକର ପ୍ରକାଶନ ବନ୍ଦ ହୋଇଯାଉଥିବା ବେଳେ କାଦମ୍ବିନୀ ପ୍ରୟାସରେ ୫ଶହରୁ ଊର୍ଦ୍ଧ୍ୱ ପତ୍ରିକା ପ୍ରଦର୍ଶନୀ କରି ଏଠାରେ ଏକ ନୂଆ ଇତିହାସ ରଚନା କରିଛି। ଏହା ଆମକୁ ପତ୍ରିକା ପ୍ରକାଶନ ପାଇଁ ପ୍ରେରଣା ଯୋଗାଇଛି। ଭାରତରେ ଏତେ ସାହିତ୍ୟ ସର୍ଜନା ରହିଛି ଯେ, ବିଶ୍ୱରେ କୌଣସି ସ୍ଥାନରେ ଏତେ ସଂଖ୍ୟକ ସର୍ଜନା ଦେଖିବାକୁ ମିଳି ନଥାଏ। ବର୍ତ୍ତମାନ ସମୟରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ବଢ଼ିଛି। ‘ଏଆଇ’ ବ୍ୟବହାର ଦ୍ୱାରା ସର୍ଜନା ଧୀରେଧୀରେ କମିଯିବାର ସମ୍ଭାବନା ରହିଛି। ୫୦ବର୍ଷ ପରେ ମୌଳିକ ସାହିତ୍ୟ ଦେଖିବାକୁ ମିଳିବ ନାହିଁ କିମ୍ବା ସାହିତ୍ୟିକ, କବି ସୃଷ୍ଟି ହୋଇପାରିବେ ନାହିଁ। ଏଥିପ୍ରତି ଏବେଠାରୁ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଲେଖକ ଚନ୍ଦ୍ରପ୍ରକାଶ ଦ୍ୱିବେଦୀ କହିଲେ, ଯେଉଁଠି ଦୁଃଖ ଅଛି, ଯେଉଁଠି ପୀଡ଼ା ଅଛି ସେଠାରେ ସାହିତ୍ୟ ଅଛି। ଏହି ଦୁଃଖ ଓ ପୀଡ଼ା ସହ ଶବ୍ଦ ଯୋଡୁଥିବା ବ୍ୟକ୍ତି ଲେଖକ ହୋଇଯାଏ। କେତେକ ଲେଖକ ବ୍ୟକ୍ତିଗତ ପୀଡ଼ାର ପରିପ୍ରକାଶ କରନ୍ତି ମାତ୍ର ଯେଉଁମାନେ ସମଗ୍ର ବିଶ୍ୱର ପୀଡ଼ାର ପରିପ୍ରକାଶ କରନ୍ତି ସେମାନେ ମହାକବି ହୋଇଯାଆନ୍ତି। ଲେଖକ, ଅଭିନେତା ଓ ମଞ୍ଚ କଳାକାର ଅଖିଳେନ୍ଦ୍ର ମିଶ୍ର କହିଲେ, ସାହିତ୍ୟ ହେଉଛି ଋଗବେଦର ଅଂଶ। ବ୍ରହ୍ମାଣ୍ଡର ଉତ୍ପତି ହେଉଛି ସାହିତ୍ୟ। ପୁସ୍ତକ ପଠନ ଉପରେ ଗୁରୁତ୍ୱ ଦେଇ ଶ୍ରୀ ମିଶ୍ର କହିଲେ, ବହିକୁ ସ୍ପର୍ଶ କଲେ ଏକ ସ୍ୱତନ୍ତ୍ର ଅନୁଭବ ମିଳିଥାଏ। ସାହିତ୍ୟ ହେଉଛି ଜୀବନ। ସାହିତ୍ୟକୁ ପଢ଼ିବା ଦ୍ୱାରା ବିଭିନ୍ନ ବିଚାର ପ୍ରାପ୍ତ ହୋଇଥାଏ। କବିତା ପାଠ ଦ୍ୱାରା ଜୀବନର ଲୟ ପ୍ରାପ୍ତ ହୋଇଥାଏ। ଯେଉଁ ବ୍ୟକ୍ତି ସାହିତ୍ୟକୁ ଯେତେ ସମ୍ମାନ ଦିଏ ସେ ସେତେ ସମୃଦ୍ଧ ବୋଲି ଜଣାପଡ଼ିଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ଲେଖିକା, ସମ୍ପାଦିକା ଓ ବ୍ଲଗର୍ ନୀନା ବର୍ମା କହିଲେ, ସାହିତ୍ୟ ହିଁ ମନୁଷ୍ୟକୁ ସଭ୍ୟ କରିଥାଏ। ପ୍ରତ୍ୟେକ ମଣିଷ ତାଙ୍କ ଜୀବନରେ ସାହିତ୍ୟକ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ଆବଶ୍ୟକ। ଡିଜିଟାଲ୍ ଏନ୍‌ଗେଜମେଣ୍ଟ ଛାପା ଗଣମାଧ୍ୟମର ବିକଳ୍ପ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକା ବନଜ ଦେବୀ କହିଲେ, କାଦମ୍ବିନୀ ହେଉଛି ପତ୍ରିକା ଇତିହାସର ଏକ ଅନନ୍ୟ ଉଦାହରଣ।

# ଆଇନ ଶୃଙ୍ଖଳା ପରିଚାଳନାରେ ବିଜେପି ସରକାର ବିଫଳ : ଯୁବ କଂଗ୍ରେସ

**ଭୁବନେଶ୍ୱର,୬।୧ (ମହାଭାରତ):** ଓଡ଼ିଶାରେ ବିଜେପି ସରକାରକୁ ଛଅ ମାସ ପୁରଣ ହେବା ପରେ ସଫଳତାର ବାହାବାହା ନେଉଛନ୍ତି ନିଜେ ବିଜେପିର ନେତାମାନେ। କିନ୍ତୁ ବାସ୍ତବରେ ଓଡ଼ିଶାର ଇତିହାସରେ ସବୁଠାରୁ ଏବେର ସରକାର ଏକ ଅପାରଗ ସରକାର ବୋଲି ଭୁଲି ଗଲେଣି ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସରକାରକୁ ଆସିବା ପୂର୍ବରୁ ମାଳମାଳ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିଲା ପରେ ପ୍ରତିଶ୍ରୁତି ପୂରଣରେ ସଂପୂର୍ଣ୍ଣ ବିଫଳ। ସବୁଠାରୁ ବଡ଼ କଥା ହେଲା ଗୃହ ବିଭାଗ ନିଜେ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିଛ। ଏହି ସରକାର ଆସିବା ଦିନ ଠାରୁ ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପ୍ରତ୍ୟେକ ଦିନ ରାଜ୍ୟରେ ହତ୍ୟା, ଚୋରି, ଡକାୟତି ଏକ ସାଧାରଣ କଥା ପାଲଟି ଯାଇଥିଲେ ମଧ୍ୟ ମୋହନ ସରକାର ଅପରାଧ ନିୟନ୍ତ୍ରଣରେ ଫେଲ ମାରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ରାଜ୍ୟ ଯୁବ କଂଗ୍ରେସ ନେତା ସୁଦୀପ ସାମଲ। ଶ୍ରୀ ସାମଲ କହିଛନ୍ତି ଏହି ସରକାର ଆସିବା ଦିନ ଠାରୁ ରାଜ୍ୟରେ ଅପରାଧ ଚରମ ସୀମାରେ ପହଂଚିଛି। ଅପରାଧୀମାନେ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧ ଘଟାଉ ଥିଲେ ବି ପ୍ରଶାସନର ନିରବତା ଏବେ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ବର୍ଷର ଆରମ୍ଭରୁ ଅପରାଧୀମାନେ ଚାରି ରୁ ଉର୍ଦ୍ଧ୍ୱ ଜୀବନ ନେଇ ସାରିଲେଣି। ଗତ ଶନିବାର ଦିନ ଖୋଦ ମୁଖ୍ୟମନ୍ତ୍ରୀ ଯାଜପୁର ଗସ୍ତରେ ଥିବାବେଳେ ଅପରାଧୀମାନେ ଖୋଲା ଚ୍ୟାଲେଞ୍ଜ ଦେଇ ଗୁଳିକାଣ୍ଡ କରି ଦୁଇଟି ନିରୀହ ଜୀବନ ନେଇଗଲେ। ଏଥିରେ ଗୁଇନ୍ଦା ବିଭାଗ ଏବଂ ପୋଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ଅପରାଧର ହାର ଏତେ ବଢ଼ିଯାଇଛି ଯେ ଓଡ଼ିଶାର ଜନ ସାଧାରଣ ଘରୁ ବାହାରକୁ ବାହାରିବା ପାଇଁ ସୁରକ୍ଷିତ ମଣୁ ନାହାନ୍ତି।

# ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋକପାତ

**ଭୁବନେଶ୍ୱର,୬।୧ (ମହାଭାରତ):** ପ୍ରସ୍ତାବିତ ତ୍ରି ଦିବସୀୟ ପ୍ରବାସୀ ଭାରତୀୟ ମାନଙ୍କ ସମ୍ମିଳନୀରେ ଓଡ଼ିଶାରୁ ପ୍ରବାସୀ ଭାବରେ ବିଭିନ୍ନ ଦେଶରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ପ୍ରସ୍ତାବ ଦିଆଯାଇଛି।

ବିଭିନ୍ନ ଦେଶରେ ବିଶେଷ କରି ମଧ୍ୟପ୍ରାଚ୍ୟ ଦେଶମାନଙ୍କରେ ଓଡ଼ିଆ ପ୍ରବାସୀ ଶ୍ରମିକମାନେ ବିଭିନ୍ନ ସମସ୍ୟା ସମ୍ମୁଖିନ ହେଉଛନ୍ତି। ସେମାନଙ୍କୁ ସେ ଦେଶର ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ମିଳୁନାହିଁ। ସେମାନଙ୍କୁ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷାକୁ ବଂଚିତ କରାଯାଉଛି। ଅନେକ କ୍ଷେତ୍ରରେ ସେମାନଙ୍କୁ ଦାଦନ ଶ୍ରମିକ ଭାବରେ ଗୃହବନ୍ଦି କରି କାମ କରାଇବାର ନତିଜା ବିଭିନ୍ନ ସମୟରେ ପ୍ରକାଶ ହେଉଛି। ସେମାନଙ୍କର ନିର୍ଦ୍ଦିଷ୍ଟ ଦେଶରେ ଅବସ୍ଥିତି ତଥା ନିର୍ଦ୍ଦିଷ୍ଟ କମ୍ପାନୀରେ କାର୍ଯ୍ୟ କରିବା ସମ୍ବନ୍ଧିତ କୌଣସି ଡାଟାବେସ୍ ଆମ ସରକାରଙ୍କ ପାଖରେ ନାହିଁ। ଏହାଦ୍ୱାରା ଅନେକ ସମୟରେ ସେମାନେ ପ୍ରାଣତ୍ୟାଗ କରୁଥିବାବେଳେ ସେ ଦୁଃଖଦ ଖବର ତାଙ୍କ ପରିବାରଙ୍କ ପାଖରେ ପହଂଚିପାରୁନାହିଁ। ସେମାନଙ୍କୁ ମଧ୍ୟ ସରକାରଙ୍କ ନିୟମ ଅନୁସାରେ ସାଧାରଣ ନିର୍ବାଚନରେ ପୋଷ୍ଟାଲ ଭୋଟ ମାଧ୍ୟମରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ସୁଯୋଗ ଦିଆଯାଉନାହିଁ।

ଏଣୁ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ସଠିକ୍ ତଥ୍ୟ ସେମାନେ କାର୍ଯ୍ୟକରୁଥିବା ଦେଶ ତଥା ଆମ ରାଜ୍ୟ ସରକାରଙ୍କ ପାଖରେ ରହିବା ଦରକାର। ଅନ୍ତତଃ ଇମ୍ମିଗେସନ କ୍ଲିଅରିଂ ସମୟରେ ସେମାନଙ୍କର ସମସ୍ତ ବିବରଣୀ ଆମ ଓଡ଼ିଶା ସରକାରଙ୍କ ନିକଟରେ ପଂହଚିଲେ ସେମାନଙ୍କୁ ପ୍ରତାରିତରୁ ବଂଚିତ କରିପାରିବା। ଯେଉଁ ଦଲାଲମାନେ ସେମାନଙ୍କୁ ବିଦେଶ ପଠାଉଛନ୍ତି, ସେମାନେ ମଧ୍ୟ ବିଧିବଦ୍ଧ ଭାବରେ ନିଜକୁ ଆମ ସରକାରଙ୍କ ନିକଟରେ ପଞ୍ଜିକୃତ କରିବା ଦରକାର। ସେମାନଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଏକ ମୌଳିକ ଅଧିକାର। ସେ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଓଡ଼ିଶା ସରକାର କାର୍ଯ୍ୟକଲେ ନିଶ୍ଚିତ ଭାବରେ ଆଗାମୀ ଦିନରେ ଅନେକ ଓଡ଼ିଆ ଯୁବବର୍ଗ ପ୍ରବାସୀ ଶ୍ରମିକ ହେବା ପାଇଁ ଆଗ୍ରହ ପ୍ରକାଶ କରିବେ। ଏଠାରେ ସ୍ପଷ୍ଟ କରୁଛୁ ଯେ ସେମାନଙ୍କର ସଂଚିତ ଅର୍ଥଯୋଗୁ ଆମ ଦେଶର ରାଜକୋଷ ବୃଦ୍ଧି ହେଉଛି।

# ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀର ପ୍ରୋତ୍ସାହନ ପାଇଁ ସରକାର ଅଙ୍ଗୀକାରବଦ୍ଧ

**ଭୁବନେଶ୍ୱର,୬।୧ (ମହାଭାରତ):** କୃଷି ଓଡ଼ିଶା-୨୦୨୫ ଆଜି ଉଦ୍‌ଯାପିତ ହୋଇଯାଇଛି। ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଚାଲିଥିବା ତିନି ଦିନିଆ କୃଷି ଓଡ଼ିଶା-୨୦୨୫ର ଉଦଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଓଡ଼ିଶାର କୃଷି ଭବିଷ୍ୟତକୁ କୃଷି ଓଡ଼ିଶା-୨୦୨୫ ଅଧିକ ଋଦ୍ଧିମନ୍ତ କରିବ। ସଶକ୍ତ, ସହନଶୀଳ ଓ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀର ପ୍ରୋତ୍ସାହନ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ।



ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ସମାରୋହକୁ ସମ୍ବୋଧିତ କରି କହିଥିଲେ, ଜଳବାୟୁ ସହନୀୟ କୃଷି ପ୍ରଣାଳୀ ସମ୍ପ୍ରତି ଏକ ବୈଶ୍ୱିକ ଆହ୍ୱାନ। ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଆମର ପ୍ରୟାସ ନିଶ୍ଚିତରୂପେ ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ। ଏହି ଅବସରରେ କୃଷିଜାତ ଉତ୍ପାଦକୁ ଅନ୍ତର୍ଜାତୀୟ ସ୍ତରରେ ପହଂଚାଇବା ଲକ୍ଷ୍ୟ ନେଇ ଉଦ୍ୟାନ କୃଷି ବିଭାଗ ସହ ୧୧ଟି ସଂସ୍ଥା ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ। କେନ୍ଦୁଝରର ସଫଳ ଚାଷୀ ସୁଦର୍ଶନ ମହାନ୍ତି ନିଜର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ସଫଳ ଚାଷୀ, ବକ୍ତୃତା, ଗଳ୍ପପଠନ, କବିତା ଆବୃତ୍ତି, କୁଇଜ୍ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଶ୍ରେଷ୍ଠ ଷ୍ଟଲ୍ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ଷ୍ଟଲ ବର୍ଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପୁରସ୍କୃତ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ପ୍ରାଣୀ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜିରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନିଦିନିଆ ସମାବେଶରେ କୃଷକ, କୃଷି ବିଶେଷଜ୍ଞ, ବୈଜ୍ଞାନିକ, ବୁଦ୍ଧିଜୀବୀ, ଉଦ୍ୟୋଗୀ, କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷଜ୍ଞମାନେ ଉପସ୍ଥିତ ରହି ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନାରେ କୃଷକମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ, ବିପଣନ, ବୈଷୟିକ ଉପଯୋଗିତା ଆଦି ଉପରେ ପରାମର୍ଶ ପ୍ରଦାନ କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା



**ଭୁବନେଶ୍ୱର,୬।୧ (ମହାଭାରତ):** ଆଗାମୀ ୮ ତାରିଖରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଅନେକ ଭିଭିଆଇପି ଯୋଗ ଦେବାକୁ ଭୁବନେଶ୍ୱର ଆସିବେ। ଡଗ ସ୍କ୍ୱାର୍ଡ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ ସହ ସୁରୁଖୁରୁରେ କାର୍ଯ୍ୟକ୍ରମ ଶେଷ କରିବା କମିଶନରେଟ ପୋଲିସ ପାଇଁ ବଡ଼ ଆହ୍ୱାନ। ସମ୍ମିଳନୀ ଚାଲିଥିବା ସମୟରେ ଯଦି କୌଣସି ଆତଙ୍କବାଦୀ ଆକ୍ରମଣ ହୁଏ କିମ୍ବା ବୋମା ବିସ୍ଫୋରଣ ଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼େ ତେବେ ତାର କେମିତି ମୁକାବିଲା କରାଯିବ ସେନେଇ ସ୍ୱତନ୍ତ୍ର ସ୍କ୍ୱାର୍ଡ୍ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସ୍ଥାନରେ ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ଜଗି ରହିଛନ୍ତି ସ୍ନାଇପର ଟିମ୍। ଜନତା ମୈଦାନରେ ସମ୍ମିଳନୀ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ। ଗୁରୁତ୍ୱପୂର୍ଣ କଥା ହେଉଛି ସୁରକ୍ଷା ପାଇଁ କମିଶନରେଟ ପୋଲିସର ସ୍ପେଶାଲ ଟାକ୍ଟିକାଲ ଫୋର୍ସ ସହ ମୁତୟନ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ସମେତ ହଜାର ହଜାର ଅତିଥି ଯୋଗଦେବାକୁ ଥିବାରୁ ଉଦଘାଟନୀ ହ୍ୟାଙ୍ଗରଠୁ ଆରମ୍ଭ କରି ପ୍ଲେନାରୀ ହ୍ୟାଙ୍ଗର, ଥିମ୍ ପାଭିଲିୟନ ସବୁକିଛିର ଟିକିନିଖି ଯାଞ୍ଚ କରିଛନ୍ତି ମୁଖ୍ୟ ସଚିବ। ସେ କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ପାଖାପାଖି ସାଢ଼େ ୩ ହଜାର ପଞ୍ଜୀକରଣ ହୋଇଛି। ପ୍ରବାସୀ ଭାରତୀୟମାନେ ଯେଭଳି ଏକ ଭଲ ଅନୁଭୂତି ନେଇ ଫେରିବେ, ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

ଆଜି ଜନତା ମଇଦାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ପୋଲିସ୍ ଡିଜି। ଏହି କାର୍ଯ୍ୟକ୍ରମ ଅବସରରେ ଯଦି କୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣ ହୁଏ କିମ୍ବା କୌଣସି ପ୍ରକାର ଅଘଟଣ ଘଟେ, ତେବେ ସୁରକ୍ଷାବାହିନୀ କେତେ ପ୍ରସ୍ତୁତ ତାର ରିହରସାଲ ବି ହୋଇଛି। ସହରରେ ଏହି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବା ସହ ୮ ପ୍ଲାଟୁନ ରାଜ୍ୟ ପୁଲିସ, ୧୧ କଂପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ ବୋଲି ଡିଜିପି କହିଛନ୍ତି। ପ୍ରବାସୀ ଭାରତୀୟ ଦିବସ ଅବସରରେ ପ୍ରାୟ ୧୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଭୁବନେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ କେନ୍ଦ୍ରୀୟ ଗୁଇନ୍ଦା ବିଭାଗ ଏବେଠାରୁ ଡେରା ପକାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡାକଡି ହେଲାଣି। ଜନତା ମଇଦାନର ଉତ୍ସବ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା, ପ୍ରବାସୀ ଭାରତୀୟଙ୍କ ରହଣି ସ୍ଥାନ, ଟ୍ରାଫିକ ପରିଚାଳନା, ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଉପଯୁକ୍ତ ଯୋଜନା ଓ କୌଶଳ ଆଦି ସଂକ୍ରାନ୍ତରେ ତନ୍ନ ତନ୍ନ କରି ସମୀକ୍ଷା କରିଛନ୍ତି। ଅତି ବିଶିଷ୍ଟ ନାଗରିକଙ୍କ ସୁରକ୍ଷା ବ୍ୟବସ୍ଥା, ପୋଲିସ ବିଭାଗର ପ୍ରସ୍ତୁତି, ପରିଚାଳନା, ପୋଲିସ ଫୋର୍ସ ମୁତୟନ, ଟ୍ରାଫିକ ସୁପରିଚାଳନା, ଯାନ ବାହନ ପାର୍କିଂ ସ୍ଥଳ ସମ୍ପର୍କରେ ବିସ୍ତୃତ ଭାବେ ଡିଜିପି ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଶଦ ଭାବେ ଆଲୋଚନା କରିଥିଲେ। ପୋଲିସ କମିଶନର ଶ୍ରୀ ଦେବଦତ୍ତ ସିଂ, ଆଇଜି ଅନୁପ ସାହୁ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବିଜେଡିକୁ ମୂଷା ମାନଙ୍କୁ ନେଇ ପ୍ରତିକାର କରିବାକୁ ପଡିବ : ସମ୍ବିତ

**ଭୁବନେଶ୍ୱର,୬।୧ (ମହାଭାରତ):** ବିଜେଡିରେ ମୂଷା ଉପାଖ୍ୟାନକୁ ନେଇ ପୁଣି ବିବୃତି ରଖିଛନ୍ତି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ। ସେ କହିଛନ୍ତି କିଛି ମୂଷା ଅନ୍ୟ କିଆରୀକୁ ପଳେଇଲେଣି। ସମ୍ପୂର୍ଣ୍ଣ ମୂଷା ବଂଶକୁ ନିପାତ କରିହେବନି। ତାପାଇଁ ପ୍ରତିକାର କରିବାକୁ ପଡିବ। ମୂଷାକୁ ଫସଲ ଠାରୁ ଦୁରେଇବାକୁ ପଡିବ। ପୂର୍ବରୁ ନିର୍ବାଚନ ପରାଜୟ ବାବଦରେ ବିବୃତି ରଖି ମୂଷା ଉପାଖ୍ୟାନ କଥା କହିଥିଲେ ସମ୍ବିତ। ସେ କହିଥିଲେ ଢୋଲ ଭିତରେ ମୂଷା ରହିଲେ, ଯେଉଁଥି ପାଇଁ ବିଜେଡି ହାରିଲା। ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲୀ କହିଛନ୍ତି ବିଜୁ ଜନତା ଦଳରେ ମତାନ୍ତର ଥାଇ ପାରେ ମନାନ୍ତର ନାହିଁ। ପୂର୍ବତନ ବିଧାୟକ ମାନଙ୍କ ମେଳି ପ୍ରସଙ୍ଗକୁ ନେଇ ସେ ଏହା କହିଛନ୍ତି। ସେ କହିଛନ୍ତି ଯେ ବିଜେଡି ସଂଗଠିତ ହୋଇକି ଅଛି। ବିଜେଡିରେ ସେଭଳି କଥା ନାହିଁ। ସ୍ଥଳ ବିଶେଷରେ ମତାନ୍ତର ଥାଇ ପାରେ ମନାନ୍ତର ନାହିଁ। କୌଣସି ବଡ଼ ଗୋଷ୍ଠୀ କନ୍ଦଳ ନାହିଁ। ଆମେ ଏକକ ନେତୃତ୍ୱର ଛତା ତଳେ ଅଛି। ବିଜେଡି ସଂଗଠିତ ହେଇ ଅଛି ଲୋକଙ୍କ ପାଇଁ କାମ କରୁଛୁ।

# ପ୍ରଧାନମନ୍ତ୍ରୀ ଓଡିଶାର ବିକାଶର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି : ଅପରାଜିତା

**ଭୁବନେଶ୍ୱର,୬।୧ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶାର ବିକାଶର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ସେ କହିଛନ୍ତି ଯେ ପ୍ରବାସୀ ଭାରତୀୟଙ୍କ ଉତ୍ସବ ଭୁବନେଶ୍ୱରରେ ହେଉଛି ଏହା ଠାରୁ ବଡ କଥା ଆଉ କିଛି ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ସରକାର ଗୋଟିଏ ଲକ୍ଷ୍ୟ ନେଇ କାମ କରୁଛନ୍ତି, ଯେମିତି ଓଡିଶା ରାଜ୍ୟର ଉଦୟ ହେଉ। ଓଡିଶା ରାଜ୍ୟରେ ସାମଗ୍ରିକ ବିକାଶ ହେଉ। ଭୁବନେଶ୍ୱର ସହର ଓଡିଶା ରାଜ୍ୟର ରାଜଧାନୀ ପୂର୍ବ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସହର ହେଉ। ସେଥିପାଇଁ ବୈଦେଶିକ ମନ୍ତ୍ରଣାଳୟ ଧନ୍ୟବାଦ। ପ୍ରଧାନମନ୍ତ୍ରୀଙ୍କ ଆଦେଶ କ୍ରମେ ଭୁବନେଶ୍ୱର ସହରକୁ ପ୍ରବାସୀ ଭାରତୀୟ ଦିବସ ପାଇଁ ବାଛିବା ବଡ କଥା ଯ ଏଥିସହ ପ୍ରବାସୀ ଭାରତୀୟ ମାନେ ଭୁବନେଶ୍ୱର ଆସି ଦେଖିବେ ଆମେ କିପରି ଆମ ସହରକୁ ସଫା ରଖିଛୁ।

# ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର,୬।୧ (ମହାଭାରତ):** ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କରିଛନ୍ତି। ସମ୍ପ୍ରତି ବଲାଙ୍ଗିର ଓ ସୋନପୁର ଜିଲ୍ଲାର ଗ୍ରାମାଂଚଳରେ ମୋଟ ୨୦ ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଚାଲୁଛି। ସେଥିରୁ ୧୪ଟି ଏବଂ ୬ ଟି ସୋନପୁରରେ ଚାଲୁଛି। ସେହିପରି, ଏହି ଦୁଇଟି ଜିଲ୍ଲାର ସହରାଂଚଳରେ ମୋଟ ୮ ଟି ପ୍ରକଳ୍ପ ଚାଲୁଛି। ରାଜ୍ୟ ସରକାର ସର୍ବଦା କୃଷକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆସିଛନ୍ତି। ଏହି ସବୁ ପ୍ରକଳ୍ପ ଗୁଡ଼ିକ ଯଥାଶୀଘ୍ର ଶେଷ ହେଲେ ଉପରୋକ୍ତ ଦୁଇଟି ଜିଲ୍ଲାର ଚାଷ ଜମିକୁ ଜଳ ସେଚନ ସୁବିଧା ସହ ଜିଲ୍ଲାବାସୀଙ୍କ ପାନୀୟ ଜଳର ଅସୁବିଧା ଦୂର ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବିଭାଗୀୟ ଅଧିକାରୀମାନଙ୍କୁ ସହର ତଥା ଗ୍ରାମାଂଚଳକୁ ଯାଇ ପ୍ରତ୍ୟକ୍ଷ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ଶେଷ ସୁଦ୍ଧା ପ୍ରାୟ ସମସ୍ତ ପ୍ରକଳ୍ପ ଶେଷ ହେବ ବୋଲି ସମୀକ୍ଷାରୁ ଜଣା ପଡ଼ିଛି। ଏହି ସମୀକ୍ଷା ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏସ ଏନ ଗିରିଶ, ପାନୀୟ ଜଳ ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ଅଗ୍ରଗତି ଓ ବାସ୍ତବ ରୂପରେଖ ବାବଦରେ ସୂଚନା ପ୍ରଦାନ କରିଥିଲେ।

# ଗାଁର ବିକାଶ ହେଲେ ଦେଶର ବିକାଶ ହେବ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୬।୧ (ମହାଭାରତ):** ଗାଁର ବିକାଶ ହେଲେ ଦେଶର ବିକାଶ ହେବ। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ଗଠନର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା କେବଳ ଗାଁର ସାମଗ୍ରିକ ବିକାଶ ଦ୍ୱାରା ହିଁ ସମ୍ଭବ ହେବ। ଗାଁର ବିକାଶ ନ ହେଲେ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ ବୋଲି ରବିବାର ସମ୍ବଲପୁର ଠାରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା “ଲୋକାଲ୍ ଚମ୍ପିଆନ୍” ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଆମ ଦେଶରେ ପଂଚାୟତିରାଜ ବ୍ୟବସ୍ଥା ଏକ ମଜଭୂତ୍ ବ୍ୟବସ୍ଥା। ଗ୍ରାମାଂଚଳର ବିକାଶ ତଥା ଗାଁରେ ବସବାସ କରୁଥବା ଲୋକମାନଙ୍କର ଜୀବନଜୀବିକାରେ ପରିବର୍ତ୍ତନ ଆଣିବାରେ ପଂଚାୟତିରାତ ଅନୁଷ୍ଠାନ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମ ପଂଚାୟତଗୁଡ଼ିକ ମଧ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସୁସ୍ଥ ପ୍ରତିଯୋଗିତା କରିବାର ଲକ୍ଷ୍ୟ ନେଇ ଲୋକାଲ୍ ଚମ୍ପିଆନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଗ୍ରାମୀଣ ବିକାଶ ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଗୁଡିକର କିପରି ସଠିକ୍ ପରିଚାଳନା ହେବ, ସେ ଲକ୍ଷ୍ୟ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ସ୍ଥାନୀୟ ନେତୃତ୍ୱ, ଜନପ୍ରତିନିଧିଙ୍କ ଭୂମିକା ଓ ଆଂଚଳିକ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଲୋକାଲ୍ ଚମ୍ପିଆନ ପ୍ରଶିକ୍ଷଣ ହେଉଛି। ସମ୍ବଲପୁର ଜିଲ୍ଲା ଗ୍ରାମାଂଚଳର ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଓ ଅନ୍ୟା ନ୍ୟ ଉପରେ ଯେଉଁ ଦୀର୍ଘମିଆଦୀ ଯୋଜନା ହେବ, ତା’ର ମୂଳ ଆଧାର ପଂଚାୟତିରାଜ ବ୍ୟବସ୍ଥା ହେବ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସରପଂଚ, ସମିତି ସଭ୍ୟ ଓ ପଂଚାୟତ ସହ ଜଡ଼ିତ ସମସ୍ତଙ୍କୁ ୧୦ଟି ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। ଶ୍ରୀ ପ୍ରଧାନ କହିଛନ୍ତି ସବୁ ଗ୍ରାମ ପଂଚାୟତରେ ନିରନ୍ତର ଭାବେ ସ୍ୱଚ୍ଛ ପାନୀୟ ଜଳ ପହଂଚାଇବା ପାଇଁ ଯୋଜନା ହେଉ। ନବଜାତ ଶିଶୁ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟକୁ ବିଶେଷ ପ୍ରାଥମିକତା ଦିଆଯାଉ। ଶିଶୁର ଜନ୍ମରୁ ଆରମ୍ଭ କରି ଦ୍ୱାଦଶ ପଢିବା ପର୍ଯ୍ୟନ୍ତ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ଉପରେ ଦୃଷ୍ଟି ଦିଆଯାଉ। ପଂଚାୟତରେ ରୋଜଗାରକୁ ବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ଯୋଜନା ହେଉ। ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆସୁଥିବା ଟଙ୍କାର ସଦୁପଯୋଗ କରିବା ପାଇଁ ପରାମର୍ଶ ଦିଆଯାଉ। ସ୍ଥାନୀୟ ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ଚାଷୀ, ବୁଣାକାର ଓ ଅନ୍ୟ ବର୍ଗର ଲୋକଙ୍କୁ ଉପାଦେୟ ପରମର୍ଶ ଦେବା ଦରକାର। ସେହିପରି ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ପରି ଅନ୍ୟ ଯୋଜନା ଗୁଡିକର ସଠିକ୍ ସୂଚନା ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ କାମ କରିବାକୁ ହେବ। ସମ୍ଭାବ୍ୟ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଗାଁର ପରିବେଶକୁ ସୁରକ୍ଷିତ ରଖିବା ସହ ସଚେତନତା ତିଆରି କରିବା ପାଇଁ ପଡିବ। ଚାଷରେ ରସାୟନ ସାର ବ୍ୟବହାର କମ୍ କରିବା ସହ ଜୈବିକ ଚାଷ କରାଇବା ପାଇଁ ପ୍ରୋତ୍ସାହନ ଦେବାକୁ ହେବ। ଭାରତ ସରକାର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡିକୁ ନେଇ ଏକ ବିଧିବଦ୍ଧ ପୁସ୍ତକ ପ୍ରକାଶନ କରିବା ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଥିଲେ ଯେ କ୍ରମାଗତ ଭାବରେ ଅନେକ ଶିକ୍ଷିତ ଯୁବକ ଯୁବତୀମାନେ ପଂଚାୟତିରାଜ ବ୍ୟବସ୍ଥାରେ ସାମିଲ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ। ରାଜ୍ୟର ଗ୍ରାମ ପଂଚାୟତ ଗୁଡ଼ିକ ନିଜର କଲ୍ୟାଣକାରୀ କାର୍ଯ୍ୟ ମାଧ୍ୟମରେ ଜାତୀୟ ସ୍ତରରେ ପୁରସ୍କୃତ ହେବା ଆମ ପାଇଁ ଗୌରବମୟ ଉପଲବ୍ଧି ସେ ମତପ୍ରକାଶ କରିଥିଲେ।

## ବାୟୁ ପ୍ରଦୂଷଣ

ଶୀତ ଋତୁରେ ଉତ୍ତର ପଶ୍ଚିମ ଭାରତର ପଞ୍ଜାବ, ହରିୟାନା, ପଶ୍ଚିମ ୟୁପି ଭଳି କୃଷି ସମୃଦ୍ଧ ଅଞ୍ଚଳରେ ଚାଷୀମାନେ ଫସଲ ଅମଳ ପରେ ଜମିରେ ନଡ଼ା ବା ଅନ୍ୟ କୃଷି ବର୍ଜ୍ୟବସ୍ତୁ ଜାଳୁଛନ୍ତି। ଏଥିରୁ ଯେଉଁ ଧୂଆଁ ନିର୍ଗତ ହେଉଛି ତାହା ଶୀତଦିନେ ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ବାୟୁରେ ଦିଲ୍ଲୀକୁ ଚାଲିଆସୁଛି। ତେଣୁ ଶୀତ ଦିନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ଅତି ବିପଜ୍ଜନକ ସ୍ତରକୁ ଟପିଯାଉଛି। ଏହାକୁ ରୋକିବା ନିମନ୍ତେ ପ୍ରୟାସ କରାଯାଉଛି। ଜମିରେ ନଡ଼ା ଜାଳିବା ଉପରେ କଟକଣା ଜାରି କରାଯାଇଛି ଏବଂ ଏଭଳି କଲେ ଜେଲ-ଜୋରିମାନା ହେଉଛି। କିନ୍ତୁ ହଜାର ହଜାର ହେକ୍ଟର ଜମିରେ ନଡ଼ା ଜାଳିବା ପ୍ରକ୍ରିୟାକୁ ରୋକାଯାଇପାରୁନି। କାରଣ ଆମ ଜନଚରିତ୍ରରେ ସବୁ ବେଳେ କେବଳ ନିଜ କଥା ଚିନ୍ତା କରିବା ଏବଂ ସାମୁହିକ ସ୍ୱାର୍ଥ ରକ୍ଷା ବା ଦେଶର ସ୍ୱାର୍ଥ ରକ୍ଷା ପ୍ରତି ଅଣଦେଖା କରିବା ପରିଲକ୍ଷିତ ହୋଇଥାଏ। ଏହାକୁ ନେଇ ଅନେକ ରାଜନୀତି ମଧ୍ୟ ହେଉଛି। ନଡ଼ା ଜାଳିବା ଅଭିଯୋଗରେ ଦୁଇ ବର୍ଷ ତଳେ କିଛି ଚାଷୀଙ୍କୁ ଗିରଫ କରାଯାଇଥିଲା। ଏହା ବିରୋଧରେ କୃଷକମାନେ ଆନ୍ଦୋଳନ କଲେ। ସରକାର ବାଧ୍ୟ ହୋଇ ସେମାନଙ୍କ ସହିତ ସାଲିସ କଲେ। କିନ୍ତୁ କେବଳ ନଡ଼ା ଜାଳିବା ଦ୍ୱାରା ଦିଲ୍ଲୀରେ ବାୟୁ ପ୍ରଦୂଷିତ ହେଉଛି ବୋଲି କହିବା ଭୁଲ ହେବ। କାରଣ ଆଜିକୁ ଶହ ଶହ ବର୍ଷ ହେବ ପଞ୍ଜାବ, ହରିୟାନାର ଚାଷୀମାନେ ଫସଲ ଅମଳ ପରେ ଜମିରେ କୃଷି ବର୍ଜ୍ୟବସ୍ତୁକୁ ଜାଳି ଆସୁଛନ୍ତି। ସେତେବେଳେ ବି ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଥିଲା। କିନ୍ତୁ ପୂର୍ବରୁ କାହିଁକି ଏଭଳି ପ୍ରଦୂଷଣ ସମସ୍ୟା ସୃଷ୍ଟି ହେଉନଥିଲା ? କାରଣ ଦିଲ୍ଲୀରେ ବାୟୁ ପ୍ରଦୂଷଣର ଅନେକ ଭିନ୍ନ କାରଣ ରହିଛି। ପ୍ରଥମତଃ ଦିଲ୍ଲୀ ଚାରିପଟେ ଶହ ଶହ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି। ଏହା ବାୟୁ ପ୍ରଦୂଷଣ ବୃଦ୍ଧିର ଏକ କାରଣ। ଏହା ବାଦ ଡିଜେଲ ଏବଂ ପେଟ୍ରୋଲ ଚାଳିତ ଗାଡ଼ି ଚଳାଚଳ ସଂଖ୍ୟା ଏତେ ପରିମାଣରେ ବଢ଼ିଯାଇଛି ଯେ, ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଏହାକୁ ରୋକିବା ନିମନ୍ତେ ଇଭି ଏବଂ ସିଏନଜି ଚାଳିତ ଗାଡ଼ି ଚଳାଚଳକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ ଏହା ଏବେ ସୁଦ୍ଧା ସେଭଳି ଆଦୃତ ହୋଇନି। ଏବେ ଆଉ କେହି ସାଇକେଲ ଚଳାଇବାକୁ ନାରାଜ। ସ୍କୁଲ ପିଲାମାନେ ମଧ୍ୟ ସାଇକେଲ ଚଳାଉ ନାହାଁନ୍ତି। ୧୪/୧୫ ବର୍ଷ ବୟସର ପିଲା ପେଟ୍ରୋଲ ଚାଳିତ ଦୁଇଚକିଆ ଯାନ ଚଳାଉଛନ୍ତି। କର୍ମଚାରୀମାନେ ମଧ୍ୟ ଆଉ କେହି ସାଇକେଲ ଚଳାଉ ନାହାଁନ୍ତି। ଯଦି ସାଇକେଲ ଚଳାଇବାକୁ କଷ୍ଟ ହେଉଛି ବା ଏହା ସମୟ ସାପେକ୍ଷ ବୋଲି କୁହାଯାଉଛି, ତେବେ ଏହାର ବିକଳ୍ପ ହେଲା ପବ୍ଲିକ ଟ୍ରାନ୍ସପୋର୍ଟେସନ। ଦିଲ୍ଲୀ ବା ଅନ୍ୟ ସହରାଞ୍ଚଳରେ ଏଭଳି ସର୍ବସାଧାରଣ ପରିବହନ ବ୍ୟବସ୍ଥାର ଉନ୍ନତିକରଣ ଆବଶ୍ୟକ। ବ୍ୟାଟେରୀ ଚାଳିତ ଗାଡ଼ି ଚଳାଚଳକୁ ପ୍ରୋତ୍ସାହିତ କରାଯିବା ଉଚିତ। ରାସ୍ତାରେ ଯେତେ କମ ସଂଖ୍ୟକ ଗାଡ଼ି ମୋଟର ଚାଲିବ, ପ୍ରଦୂଷଣ ସେତେ କମ ରହିବ। ଏଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ସୀମା ଟପିଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ପ୍ରଦୂଷଣ ମାତ୍ରା ବିଶେଷ କରି ଟୁଇନ ସିଟିରେ ବାୟୁ ପ୍ରଦୂଷଣ ସ୍ଥିତି ନିୟମିତ ଭାବେ ବଢ଼ିଚାଲିଛି। ଏବେ ଓଡ଼ିଶା ପାଇଁ କେବଳ ସତର୍କ ଘଣ୍ଟି ବାଜିଛି। ଆଗକୁ ପରିସ୍ଥିତି ସଙ୍ଗୀନ ହେବ। ନିଶ୍ୱାସ ପ୍ରଶ୍ୱାସ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡ଼ିବ। ଅମ୍ଳଜାନ କିଣିବାକୁ ପଡ଼ିବ। ଦିଲ୍ଲୀ ହେଉ ବା ଭୁବନେଶ୍ୱର ସବୁ ସହରାଞ୍ଚଳରେ ଗୃହ ନିର୍ମାଣ ଏବଂ ରାସ୍ତା ସମ୍ପ୍ରସାରଣ ନିମନ୍ତେ ବ୍ୟାପକ ଭାବେ ଗଛ କଟା ହେଉଛି। ଏହା ଆମପାଇଁ ଆତ୍ମଘାତୀ ସାବ୍ୟସ୍ତ ହୋଇଛି। ଏବେ ସମୟ ଆସିଛି ଗଛ ଲଗାଇବାର। ଏଥିପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଦୁର୍ନୀତି ଯୋଗୁ ସବୁ ବରବାଦ ହୋଇଯାଉଛି।

## ଫତୁରାନନ୍ଦଙ୍କ ଚରିତ୍ରର ଅଜ୍ଞାତ ଦିଗ

॥ ରଘୁନାଥ ମହାପାତ୍ର ॥

> ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ।

ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ହାସ୍ୟ ବ୍ୟଙ୍ଗ ଲେଖକ ଫତୁରାନନ୍ଦଙ୍କୁ ସାହିତ୍ୟ ରସପିପାସୁ ପାଠକମାନେ ଭଲ ଭାବରେ ଜାଣନ୍ତି ଚିହ୍ନନ୍ତି। ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାକୁ ପଢ଼ିବା ପାଇଁ ସମସ୍ତେ ଉତ୍କଣ୍ଠିତ ହୋଇ ରହିଥାନ୍ତି। ପତ୍ରିକାଟିଏ ହାତରେ ପଡ଼ିଲେ ପ୍ରଥମେ ସୂଚୀପତ୍ରରେ ଖୋଜନ୍ତି ଫତୁରାନନ୍ଦଙ୍କ ନାଁ। ସେଇ ନାଁଟି ମିଳିଗଲା ପରେ ପତ୍ରିକାର ପୃଷ୍ଠା ଓଲଟାଇ ଲେଖାଟିକୁ ଅଣନିଃଶ୍ୱାସୀ ହୋଇ ପଢ଼ି ପକାନ୍ତି। ଏହା ହିଁ ତାଙ୍କ ଲେଖାର ଆକର୍ଷଣ। ବ୍ୟଙ୍ଗ ଲେଖକ ହିସାବରେ ସେ ହିନ୍ଦୀ ଲେଖକ ହରି ଶଙ୍କର ପରସାୟୀଙ୍କ ସମସାମୟିକ ଏବଂ ତାଙ୍କରି ପରି ପ୍ରତିଭାବାନ। ହିନ୍ଦୀ ସାହିତ୍ୟରେ ପରସାୟୀଙ୍କର ଯେଉଁ ପ୍ରତିଷ୍ଠା ରହିଛି ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦଙ୍କର ତା'ଠାରୁ ଅଧିକ ପ୍ରତିଷ୍ଠା ରହିଛି। ୧୯୬୬ ମସିହାରେ ମୁଁ ପ୍ରଥମେ ଫତୁରାନନ୍ଦ ସହିତ ତାଙ୍କ ଝାଞ୍ଜିରୀମଙ୍ଗଳା ବାସଗୃହରେ ସାକ୍ଷାତ କରିଥିଲି। ସେହି ଦିନ ଠାରୁ ତାଙ୍କ ସହିତ ମୋର ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ ତାଙ୍କ ମୃତ୍ୟୁ ତା ୬-୧୧-୧୯୯୫ ପର୍ଯ୍ୟନ୍ତ ତାହା ଅବିଚ୍ଛିନ୍ନ ହୋଇ ରହିଥିଲା। ପ୍ରତିଦିନେ ଦୁଇଦିନେ ସଂଧ୍ୟାବେଳେ ମୁଁ ଡଗର ପ୍ରେସକୁ ଯାଇ ତାଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ପ୍ରେସର ଭଲ ମନ୍ଦ ବିଷୟରେ ଆଲୋଚନା କରୁଥିଲି। ଦୀର୍ଘଦିନ ତାଙ୍କ ସହିତ ଘନିଷ୍ଠତା ରହିବା ଫଳରେ ତାଙ୍କ ବ୍ୟକ୍ତି ଚରିତ୍ରର କେତୋଟି ଦିଗ ମୁଁ ଦେଖିପାରିଥିଲି ଯାହା ଅନ୍ୟମାନେ ଦେଖିପାରି ନାହାନ୍ତି। ମୁଁ ସେହି ବିଷୟରେ କିଛି ଲେଖି ପାଠକମାନଙ୍କୁ ଜଣାଇବା ପାଇଁ ଚାହୁଁଛି। ୧. ଫତୁରାନନ୍ଦଙ୍କ ବନ୍ଧୁ ବତ୍ସଳତା, ୨. ଫତୁରାନନ୍ଦଙ୍କ ବଦାନ୍ୟତା, ୩. ଅନ୍ୟକୁ ସାହାଯ୍ୟ କରିବାର ଉଦାରତା, ୪. ଗରିବ ଛାତ୍ରଙ୍କୁ ଅର୍ଥଦାନ କରି ପଢ଼ାଇବାର ପ୍ରେରଣାଦାତା, ୫. ପଶୁ ପକ୍ଷୀ ମାନଙ୍କ ପ୍ରତି ତାଙ୍କର ନିବିଡ଼ ଶ୍ରଦ୍ଧା, ୬. ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଏହିପରି ଅନେକ ଗୁଡ଼ିଏ ସାତ୍ତ୍ୱିକଗୁଣ ତାଙ୍କ ଠାରେ ପରିଲକ୍ଷିତ ହୁଏ ଯାହା ଅନ୍ୟ ଲୋକମାନଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସାହିତ୍ୟ ସର୍ଜନା ଆରମ୍ଭ କରିବା ଦିନରୁ ସେ ଗେରୁଆ ଲୁଙ୍ଗି ଓ ଗେରୁଆ ସାର୍ଟ ପିନ୍ଧୁଥିଲେ। ଛାତି ଉପରେ ଗେରୁଆ ରଙ୍ଗର ଚାଦର ଘୋଡେଇ ହେଉଥିଲେ। ତାଙ୍କ ଚେହେରା ଜଣେ ସନ୍ନ୍ୟାସୀ ପରି ଦେଖାଯାଉଥିଲା। ସେ ପିଲାଦିନରୁ ଯୋଗ ଓ ବ୍ୟାୟାମ କରୁଥିବାରୁ ତାଙ୍କ ଶରୀର ଖୁବ୍ ହୃଷ୍ଟପୁଷ୍ଟ ଥିଲା। ତାଙ୍କୁ ଦେଖିଲାମାତ୍ରେ ଯେ କୌଣସି ଲୋକ ତାଙ୍କୁ ଜଣେ ସନ୍ନ୍ୟାସୀ ଛଡ଼ା ଅନ୍ୟ କିଛି ଭାବିବ ନାହିଁ। ଫତୁରାନନ୍ଦ ତାଙ୍କର ଆତ୍ମଜୀବନୀ 'ମୋଫୁଟା ଡଙ୍ଗାର କାହାଣୀ' ଲେଖିଛନ୍ତି ସେଥିରେ ନିଜ ବିଷୟରେ ଯାହା ଲେଖି ନାହାନ୍ତି ମୁଁ ସେହି ବିଷୟ ଗୁଡ଼ିକ ଉଲ୍ଲେଖ କରିବାକୁ ଚାହେଁ।

ତାଙ୍କର ବନ୍ଧୁ ବତ୍ସଳତା : ଫତୁରାନନ୍ଦଙ୍କ ବ୍ୟକ୍ତିତ୍ୱରେ ଏକ ଚୁମ୍ବକ ଶକ୍ତି ଥିଲା। ଯେ କୌଣସି ଲୋକ ତାଙ୍କ ପାଖକୁ ଆସି ଦୁଇ ଚାରିପଦ କଥା ହେବ ସେ ଅଜଣା ହେଉ ଅଶୁଣା ହେଉ ତାପରେ ସେ ହୋଇଯିବ ଫତୁରାନନ୍ଦଙ୍କ ବନ୍ଧୁ। କେବଳ ବନ୍ଧୁ ନୁହେଁ ଘନିଷ୍ଠ ବନ୍ଧୁ। ଏହି ସମ୍ପର୍କରେ ମୁଁ କେତେଜଣ ବିଶିଷ୍ଟ ଲେଖକଙ୍କ ନାମ ଉଲ୍ଲେଖ କରୁଛି ପ୍ରଥମ ହେଲେ ଓଡ଼ିଶାର ପ୍ରଥିତଯଶା କବି ଡଃ ଗୋପାଳ ଚନ୍ଦ୍ର ମିଶ୍ର। ସେ ବରାବର ଡଗର ପ୍ରେସକୁ ଆସନ୍ତି ଏବଂ ଫତୁରାନନ୍ଦଙ୍କୁ ରାମନା ବୋଲି ସମ୍ବୋଧନ କରନ୍ତି। ରାସ୍ତା ଉପରୁ ସେ ରାମନା ରାମନା ଡାକଛାଡ଼ି ଡଗର ପ୍ରେସ ଭିତରକୁ ପଶନ୍ତି। ଫତୁରାନନ୍ଦ ନଦେଖି ପାରିଲେ ମଧ କଣ୍ଠ ଶବ୍ଦରୁ ଜାଣି ପାରନ୍ତି ଗୋପାଳ ମିଶ୍ର ଆସିଗଲେ ତେଣୁ ସେ ହସି ହସି କହନ୍ତି 'କହ ନୂଆବୋଉ ଭଉଣୀ ତୁମର ଅଛକି ଆଉ ?' ପାଇଲି ପାଇଲି ରାମନା ଭଉଣୀ ଗୋଟିଏ ପାଇଲି ତମେ ଦେଖିବନି ନେଇ ଆସିବି ଏଠିକି ? ଆରେ ମୋର କ'ଣ ଆଖି ଅଛି ଦେଖିବି ? ତମେ ଦେଖ ତା ପାଇଁ ପୁଣି କବିତା ଲେଖ। ଗୋପାଳ ମିଶ୍ର ଠୋ ଠୋ ହୋଇ ହସନ୍ତି। କହନ୍ତି ରାମନା ଆଉ ଗୋଟିଏ ବଢ଼ିଆ କବିତା ଲେଖିଛି କାଲି ସଂଧ୍ୟାବେଳକୁ ଆଣିବି ଆଜି ବଜାରରେ କାମ ଅଛି ଶୀଘ୍ର ପଳାଉଛି। ଏହି ଗୋପାଳ ମିଶ୍ର ଥିଲେ ସୁଲେଖକ କବି ରେଭେନ୍ସା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ। ଫତୁରାନନ୍ଦଙ୍କ ସହିତ ତାଙ୍କର ଆତ୍ମୀୟତା ବହୁତ ଭଲ ଥିଲା। ଆଉ ଜଣେ ହେଲେ ଜେନାକବି ମୁରାରୀ ମୋହନ ଜେନା। ଫତୁରାନନ୍ଦଙ୍କ ସାନଭାଇ ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ। ଘର ତାଙ୍କର ଭଗତପୁର ଗ୍ରାମରେ। ଝାଞ୍ଜିରୀମଙ୍ଗଳା ଓ ଭଗତପୁର ଲଗାଲଗି ହୋଇ ଦୁଇଟି ସାହି। ଶ୍ୟାମସୁନ୍ଦର ମିଶ୍ର ଟିକିଏ ନରମ ସ୍ୱଭାବର କିନ୍ତୁ ମୁରାରୀ ମୋହନ ଟିକିଏ ଉଗ୍ର ସ୍ୱଭାବର। ଫତୁରାନନ୍ଦଙ୍କୁ ସେ ରାମ କକେଇ ବୋଲି ଡାକନ୍ତି। ତାଙ୍କ କବିତା ଡଗରରେ ନ ବାହାରିଲେ ସେ ଦୋଷାରୋପ କରନ୍ତି ଫତୁରାନନ୍ଦଙ୍କ ଉପରେ। ମଝିରେ ମଝିରେ ତାଙ୍କ କବିତା ବାହାରେ। କବିତା ଉପରେ ସେ ନାନା ଦିଗରୁ ଆଲୋଚନା କରନ୍ତି ଏବଂ ତାଙ୍କ କବିତାର ଶ୍ରେଷ୍ଠତା ପ୍ରତିପାଦନ କରନ୍ତି। ତାଙ୍କ ଲେଖା ଯେ କେବଳ ଡଗରରେ ପ୍ରକାଶ ପାଏ ତାହା ନୁହେଁ ଓଡ଼ିଶା ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୁଏ। ସେ ଜଣେ ଦକ୍ଷ ସାହିତ୍ୟ ସଂଗଠକ। ଉତ୍କଳ ସାହିତ୍ୟ ସମାଜର ସେ କେତେ ବର୍ଷ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ଫତୁରାନନ୍ଦ ଯେଉଁ ସରସ ସାହିତ୍ୟ ସମିତି ଗଢ଼ିଥିଲେ ସେଥିରେ ମଧ ସେ ସଂପାଦକ ଥିଲେ। ରଜ ଉତ୍ସବ କିପରି ଜାକ ଜମକରେ ପାଳିତ ହେବ ସେଥିପାଇଁ ସେ ଭାରି ତତ୍ପର ହେଉଥିଲେ। ସରସ ସାହିତ୍ୟ ସମିତି ରଜ ଉତ୍ସବରେ ଗବେଷକ ସଚ୍ଚିଦାନନ୍ଦ ମିଶ୍ର ପ୍ରବନ୍ଧ ପଢ଼ିଲାବେଳେ ମୁରାରୀ ବାବୁ ଟିକା ଟିପ୍ପଣୀ ଦେଉଥିଲେ ଯାହାଫଳରେ ଦୁଇଜଣଙ୍କ ଭିତରେ କଳି ଗୋଳ ଲାଗୁଥିଲା ଯାହାକୁ ଫତୁରାନନ୍ଦ ସମାଧାନ କରୁଥିଲେ।

ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ। ଫତୁରାନନ୍ଦଙ୍କ ସହିତ ତାଙ୍କର ଦୀର୍ଘ ଜୀବନ ଧରି ଦେଖା ସାକ୍ଷାତ ହୋଇ ପାରିଲା ନାହିଁ। ମଝିରେ ମଝିରେ ଗୋଟିଏ ହାସ୍ୟରସାତ୍ମକ ଗଳ୍ପ କିମ୍ବା କବିତା ଡଗରକୁ ପଠାନ୍ତି। ତାହା ଡଗରରେ ପ୍ରକାଶ ପାଏ ସେ କିନ୍ତୁ ବ୍ୟକ୍ତିଗତ ଭାବେ ଆସି ପାରନ୍ତି ନାହିଁ। ଅନେକ ବର୍ଷ ପରେ ଚାକିରୀରୁ ଅବସର ଗ୍ରହଣ କରି ସେ ଆସି କଟକରେ ରହିଲେ। ବକ୍ସି ବଜାର ବଡ଼େଇ ସାହିରେ ତାଙ୍କର ଭଡ଼ାଘର। ସେଇଠୁ ଦିନେ ସେ ଗୋଟିଏ ରିକ୍ସା କରି ଡଗର ପ୍ରେସ୍ ଖୋଜି ପିଠାପୁର ଠାରେ ଆସି ପହଞ୍ଚିଲେ। ସେତେବେଳେ ସମୟ ଅପରାହ୍ନ ପାଞ୍ଚଟା ହେବ। ଛାଇ ଲେଉଟାଣି ବେଳ। ମୁଁ ଅଫିସ ଘରେ ହାତ ନଥିବା ଗୋଟିଏ ଚେୟାରରେ ବସିଥାଏ। ପୁଲିନବାବୁ ରିକ୍ସାରୁ ଓହ୍ଲେଇ ପ୍ରେସ ପିଣ୍ଡା ଉପରକୁ ଉଠିଲେ ଏବଂ ପଚାରିଲେ ଏଇଟା ଡଗର ପ୍ରେସ ତ ? ମୁଁ ସଂକ୍ଷିପ୍ତ ଉତ୍ତର ଦେଲି ହଁ। ରାମବାବୁ ଅଛନ୍ତି ? ଆଜ୍ଞା ଅଛନ୍ତି। ଆଲମାରୀ ପଛପଟରେ ବସିଥିବା ଫତୁରାନନ୍ଦ ମତେ ପଚାରିଲେ କିଏ କି ? ମୁଁ କହିଲି ମୁଁ ଚିହ୍ନି ନାହିଁ। କେବେତ ଆଗରୁ ଦେଖି ନାହିଁ। ପୁଲିନ ବାବୁ ଅଫିସ ଭିତରକୁ ପଶୁ ପଶୁ କହିଲେ ମୁଁ ପୁଲିନ। ପୁଲିନ ବିହାରୀ ରାୟ। ହଠାତ ଫତୁରାନନ୍ଦ ତାଙ୍କ ବସିବା ସ୍ଥାନରୁ ଉଠି ଆସିଲେ ପୁଲିନ ପୁଲିନ ବୋଲି କହି କୁଣ୍ଢାଇ ପକାଇଲେ। ପୁଲିନବାବୁ ଆଖିରୁ ଦୁଇଟୋପା ଆନନ୍ଦ ଅଶ୍ରୁ ଝରି ପଡ଼ିଲା। ପ୍ରାୟ ପଚିଶ ତିରିଶ ବର୍ଷ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ। ସେ ମିଳନ ଏତେ ଆନନ୍ଦ ଦାୟକ ତାହା ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେଦିନ ଦୁଇବନ୍ଧୁ ବହୁତ ସମୟ ଧରି ଖୁସି ଆଳାପ କଲେ ହସା ହସି ଅତୀତର ମଧୁର ସ୍ମୃତିକୁ ରୋମନ୍ଥନ କଲେ ସତେ ଯେପରି ମେଡ଼ିକାଲର ଦୁଇଟି ତରୁଣ ଛାତ୍ର ଆନନ୍ଦବିଭୋର ହୋଇ ଆଳାପ କରୁଛନ୍ତି। ଏହି ସାକ୍ଷାତପରେ ପୁଲିନ ବାବୁ ମଝିରେ ମଝିରେ ଡଗରକୁ ଆସି ଫତୁରାନନ୍ଦଙ୍କୁ ସାକ୍ଷାତ କରୁଥିଲେ। ହଠାତ୍ ତାଙ୍କର ଆସିବା ବନ୍ଦ ହୋଇଗଲା ଖବର ବି କିଛି ମିଳିଲା ନାହିଁ। ସେତେବେଳେ ଡଗର ପ୍ରେସରେ ଫୋନ ବି ନଥାଏ କାହା ସହିତ କଥାବାର୍ତ୍ତା କରିବା ପାଇଁ। ଦିନେ ତାଙ୍କର ପୁଅ ଡାକ୍ତର ଫାଲଗୁନି ରାୟ ଡଗରକୁ ଆସି ଫତୁରାନନ୍ଦଙ୍କୁ ଖବର ଦେଲେ ଯେ ବାପାଙ୍କ ଦେହ ଭାରି ଅସୁସ୍ଥ। ଆପଣଙ୍କୁ ଦେଖିବା ପାଇଁ ଖୋଜୁଛନ୍ତି। ଏହି ଖବର ଶୁଣିବାପରେ ଫତୁରାନନ୍ଦଙ୍କ ମୁହଁ ବିଷର୍ଣ୍ଣ ହୋଇଗଲା। ପରଦିନ ଉପର ଓଳି ମତେ କହିଲେ ଗୋଟିଏ ରିକ୍ସା ଡାକ ପୁଲିନକୁ ଦେଖିବାକୁ ଯିବା। ମୁଁ ଗୋଟିଏ ରିକ୍ସା ଡାକି ଆଣିଲି ସାଙ୍ଗ ହୋଇ ବକ୍ସି ବଜାର ବଡ଼େଇ ସାହି ଗଲୁ। ପୁଲିନ ବାବୁଙ୍କ ଭଡ଼ାଘର ଭିତରକୁ ପ୍ରବେଶ କଲୁ। ସେତିକିବେଳେ ପୁଲିନବାବୁ ରୋଗଶଯ୍ୟାରେ ନିସ୍ତେଜ ହୋଇପଡ଼ିଥାନ୍ତି। ତାଙ୍କ ଉପରେ ଧଳା ଚାଦରଟିଏ ଘୋଡେଇ ଦିଆଯାଇଥାଏ। କାନ୍ଥ କଡ଼କୁ ଗୋଟିଏ ଲମ୍ବା ବେଞ୍ଚ ପଡ଼ିଥାଏ ମୁଁ ସେଇଠି ବସିଲି। ଫତୁରାନନ୍ଦ ତାଙ୍କ ପାଦପାଖରେ ଥିବା ଗୋଟିଏ ଚେୟାର ଉପରେ ଯାଇ ବସିଲେ। ତାଙ୍କ ପୁଅ ବାପାଙ୍କୁ ଯେତେ ଡାକିଲେ ତାଙ୍କର କୌଣସି ଉତ୍ତର ମିଳିଲା ନାହିଁ। ଛାତି ଉପରେ ଘୋଡ଼ା ହୋଇଥିବା ଧଳା ଚାଦରଟି ଖାଲି ଉଠୁଥାଏ ପଡୁଥାଏ। ନିଃଶ୍ୱାସ ଘନ ଘନ ଯାଉଥାଏ। ତାଙ୍କ ପୁଅ କହିଲେ ମଉସା ଆପଣ ଡାକନ୍ତୁ କାଳେ ଆପଣଙ୍କ ପାଟି ବାରି ପାରିବେ। ଫତୁରାନନ୍ଦ ଧୀର କଣ୍ଠରେ ଡାକିଲେ ପୁଲିନ.....ପୁଲିନ ଏଇ ଦେଖ ମୁଁ ରାମ ଆସିଛି। ଅଣ୍ଡାଳି ଅଣ୍ଡାଳି ତାଙ୍କ ଶରୀର ଉପରେ ହାତ ପକାଇଲେ। ସେ ଡାକରେ କି ଅମୃତ ସ୍ପର୍ଶ ଥିଲା କେଜାଣି ପୁଲିନ ବାବୁଙ୍କ ନିଷ୍ପ୍ରଭ ଆଖି ଦୁଇଟି ମୁହୂର୍ତ୍ତକ ପାଇଁ ଖୋଲିଗଲା। ଫତୁରାନନ୍ଦଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହିବାକୁ ଲାଗିଲା। କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ପୁଲିବ ବୋଲି ଆଉ ଡାକି ପାରିଲେ ନାହିଁ। ମୁଁ ସେତେବେଳେ ଲକ୍ଷ୍ୟ କରୁଥିଲି ଦୁଇଜଣଙ୍କ ବନ୍ଧୁତ୍ୱର ନିବିଡ଼ତା ଆହା କି ହୃଦୟ ବିଦାରକ ସେହି ଦୃଶ୍ୟ। ମୋ ଆଖିରୁ ମଧ ଲୁହ ଝରି ପଡ଼ିଲା। ସେଠାରୁ ଉଠି ମୁଁ ବାହାରକୁ ଚାଲି ଆସିଲି।

ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ-୯, ଦୂରଭାଷ : ୯୨୩୮୬୩୨୭୫୦

## ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ କମ୍ କରିଛି । ବୈଜ୍ଞାନିକମାନେ ମଧ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜସ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି – ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧାନ କେବଳ ଇକୋ – ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

## ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ?' ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି ? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ'ଣ ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଲକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର' । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।' ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିତାର୍ଥ ହେବି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ପିଆଇ କଲେଜରେ ଆତ୍ମ ସୁରକ୍ଷା କର୍ମଶାଳା ଉଦଘାଟିତ

ଜୁନାଗଡ଼,, ମହାଭାରତ,,: କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଥମ ବର୍ଷ କଳା ଓ ବିଜ୍ଞାନ ର ୧୨୭ ଜଣ ଛାତ୍ରୀ କୁ ଆଜି ଆତ୍ମ ସୁରକ୍ଷା ତାଲିମ୍ କର୍ମଶାଳା ଆଜି ଉଦଘାଟିତ ହୋଇଯାଇଛି ଏହା ଛୁଟି ଦିନକୁ ଛାଡି ଆଠ ଦିନ ଧରି ତାଲିମ୍ ଦିଆଯିବ ଉକ୍ତ ତାଲିମ୍ ଶିବିରରେ ଶ୍ରୀ ବିଭୁତି ଭୂଷଣ ମେହେର ଅଧକ୍ଷ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ, ଜୁନାଗଡ଼, ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସଂଘ ର ସଭାପତି ଶ୍ରୀ ଖଗେଶ୍ୱର ଧାଙ୍ଗଡାମାଝି ଯୋଗଦେଇଥିଲେ, ସମ୍ମାନ୍ତିତ ଅତିଥି ଭାବେ ଶ୍ରୀ ରାକେଶ କୁମାର ବେମାଲ, ପ୍ରାଧାପିକା ଶ୍ରୀମତୀ ସାଗରିକା ଦାସ, ଜୁନାଗଡ ପୁଲିସ ଷ୍ଟେସନ ର ଦୁଇଜଣ ଅଧିକାରୀ ଶ୍ରୀ ତପନ କୁମାର କକ୍ଷଲୋ, ଶ୍ରୀ ନିତ୍ୟାନନ୍ଦ ଦାସ, ଅଧାପିକା ଶ୍ରୀମତୀ ପୂର୍ଣ୍ଣମାସି ମାଝୀ ଆତ୍ମ ସୁରକ୍ଷା ତାମିଲ୍ କାର୍ଯ୍ୟକ୍ରମ ର ସଂଯୋଜିକା ଓ ସହ ସଂଯୋଜକ ଶ୍ରୀ ସମୀର କୁମାର ସାହୁ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧାପକ ବିଶ୍ ରଞ୍ଜନ ବେହେରା ବିଭାଗୀୟ ମୁଖ୍ୟ ଓଡ଼ିଆ ଓ ସାହିତ୍ୟ ବିଭାଗ ଦୁଇଜଣ ପ୍ରଶିକ୍ଷକ ମିସ୍ ଜଳି ପରାଭୋଇ ଓ ଶିବାନୀ ଭାଟି ସମସ୍ତ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେବେ ଏହି କାର୍ଯ୍ୟକ୍ରମ ରେ ବିକାଶ ବେହେରା, ଗୁପ୍ତେଶ୍ୱର ସ୍ୱାଇଁ, ରାଜକୁମାରୀ ବେମାଲ, ବିଶ୍ୱନାଥ ଗୋପାଳ, ବାବୁଲି ଗୋପାଳ ସହଯୋଗ କରିଥିଲେ।

## ୨ଟି ପ୍ରକଳ୍ପର ଶୁଭ ଦେଇଛନ୍ତି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ



ଦାନଗଦି(ମହାଭାରତ):ଦାନଗଦି ବ୍ଲକରେ ଜଖପୁରା ଗ୍ରାମ ପଞ୍ଚାୟତରେ ଜିଲ୍ଲା ଖଣିଜ ପାଣ୍ଠିରୁ ୨ଟି ପ୍ରକଳ୍ପର ଶୁଭ ଦେଇଛନ୍ତି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ରବିବାର ଦିନ ଜଖପୁରା ଗ୍ରାମ ରେ ଥିବା ମହାପାଟ ସାହି ସରକାରୀ ବିଦ୍ୟାଳୟ ଓ ଜଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ନୂତନ ବିଦ୍ୟାଳୟ ଗୃହ ର ଶୁଭ ଭିତି ପ୍ରସ୍ତର ସ୍ଥାପନ କରିଲେ, ଦୁଇଟି ପ୍ରକଳ୍ପ ୪୭.୫୦ ଲକ୍ଷ ଟଙ୍କାର ହୋଇଥିବା ବେଳେ ଆସନ୍ତା ଦିନ ରେ ଜଖପୁରା ଗ୍ରାମର ରେ ଏକାଧିକ କାର୍ଯ୍ୟ ହେବାକୁ ଥିବା ଲିଷ୍ଟ ମଧ ସର୍ବସମ୍ମୁଖରେ ଉଜାଗର କରିଛନ୍ତି। ଆଜି ର ସଭା ରେ ମନ୍ତ୍ରୀ ଙ୍କ ଭାଷଣ ଅତି ହୃଦୟସ୍ପର୍ଶୀ ଥିଲା। ଯାହା କୁ ନେଇ ସୁକିନ୍ଦା ତଥା ଜଖପୁରା ଗ୍ରାମ ପଞ୍ଚାୟତ ରେ ଥିବା ବିଜେପି କର୍ମୀଙ୍କ ଭିତରେ ଏକ ଉତ୍ସାହ କରିଦେଇଥିଲା । ସମ୍ପୂର୍ଣ୍ଣ ୧୦ ନମ୍ବର ମଣ୍ଡଳ ତଥା ଜଖପୁରା ଗ୍ରାମ ପଞ୍ଚାୟତ ରେ ଥିବା ବିଜେପି ଦଳର କର୍ମୀ ମାନେ ଏକ ପଟୁଆରରେ ବାଜା ବାଣ ଫୁଟାଇ ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ, ହୁଳହୁଳି ଦେଇ ସ୍ୱାଗତଂ କରି ସଭାସ୍ଥଳକୁ ପାଛୋଟି ଆଣିଥିଲେ ।ସୁକିନ୍ଦା ବିକାଶ ନେଇ ଦାନଗଦି ବ୍ଲକ ରେ ବିଜେପି ତାର କାର୍ଯ୍ୟକ୍ରମ ଆରମ୍ଭ କରିଛି ଏବଂ ଆଗକୁ ଏଭଳି କରିବ ବୋଲି ମନ୍ତ୍ରୀ କହିଛନ୍ତ ।ଶୁଭ ଦେବା ସହିତ ସହିତ ମୋହନ ସରକାରଙ୍କ ଅନେକ ଯୋଜନା ବିଷୟରେ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ ।ସାଧାରଣ ଲୋକଙ୍କ ପାଇଁ ଓଡ଼ିଶା ସରକାରଙ୍କ ଅନେକ ଯୋଜନା କରିଛନ୍ତି ବୋଲି କହିଥିଲେ ।ସରକାରଙ୍କ ସମସ୍ତ ଯୋଜନା କିପରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଜେପି ଦଳର କର୍ମୀ ମାନଙ୍କୁ ପ୍ରେରଣା ଦେଇଛନ୍ତି। ଅଜି ର ଶୁଭ ଉଦ୍ଘାଟନ ଉତ୍ସବରେ ଯୁବନେତା ସଞ୍ଜୟ କୁମାର ମହାନ୍ତି,ଦିଲ୍ଲୀପ ନାୟକ, ହଳଧର ନାୟକ, ଜୟପ୍ରକାଶ ସାହୁ, ରବିନ୍ଦ୍ର ଜେନା, କୁଳମଣି ଧଳ, ରାମଚନ୍ଦ୍ର ଧଳ, ପ୍ରଶାନ୍ତ ରାୟ, ମଦନମୋହନ ଜେନା ,ବ୍ରତତୀ ସାମଲ, ବାବୁଲି ନାଟିଆ ଓ ଜଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ସହିତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ର ବହୁ ପ୍ରମୁଖ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

ବଡଚଣା (ମହାଭାରତ) : ଯାଜପୁର ପୌରପାଳିକା ଅଧିନସ୍ଥ ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧାପକ ଦୀନବନ୍ଧୁ ଲେଙ୍କା ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ପ୍ରବାସୀ ଭାରତୀୟ ଦିବସର ତାପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଚି□ ରଞ୍ଜନ ସେଠୀ, ପ୍ରମୁଖ ପ୍ରବାସୀ ଭାରତୀୟ ଓ ସେମାନଙ୍କର ପ୍ରତିଭା ଓ ଅବଦାନ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ଏବଂ ମୁଖ୍ୟ ଅତିଥି ନିଜର ସାବଲୀଳ ଭଙ୍ଗୀରେ କବିତା ମାଧ୍ୟମରେ ଅତି ସୁନ୍ଦର ଭାବରେ ପ୍ରବାସୀ ଭାରତୀୟଙ୍କ ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ ସଭାର ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ମହୋଦୟା ଭାରତୀୟ ଓ ସେମାନଙ୍କର ରୁଚି ଓ ପ୍ରତିଭା ତଥା ରାଜ୍ୟର ସାଂସ୍କୃତିକ ପରମ୍ପରାକୁ ଉଜ୍ଜଳିତ କରିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ବିଦ୍ୟାର୍ଥୀ ମାନଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ କୁଇଜ୍, ସାଇକେଲ ଚଳନା, ଏବଂ ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ରଚନା ସହ ସମସ୍ତ ବର୍ଗର ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୧୦ ଟି ବ୍ଲକରୁ ୧୦୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଶେଷ ପର୍ଯ୍ୟାୟରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।



## ଦୀର୍ଘ ବର୍ଷ ପରେ ଠାକୁରମୁଣ୍ଡା ବ୍ଲକ ପରିସରରେ ମିଳିଲା ପିଇବା ପାଣି




କରଞ୍ଜିଆ(ମହାଭାରତ) ମୟୁରଭଞ୍ଜ ଜିଲ୍ଲା,ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥଣ୍ଡା ଓ ଗରମ ପାନୀୟ ଜଳ ବ୍ୟବସ୍ଥା ଆଜି ଉଦଘାଟିତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ବ୍ଲକ ପରିସରରେ ପିଇବା ପାଣି ଉପଲବ୍ଧ ନ ଥିଲା । ଫଳରେ ବ୍ଲକ କାର୍ଯ୍ୟାଳୟ କୁ କୌଣସି କାମ ରେ ଆସିଲେ ପିଇବା ପାଇଁ ପାଉନଥିଲେ, ଖରାଦିନେ ପରିସ୍ଥିତି ଆହୁରି ଖରାପ ଥିଲା । ଆଗକୁ ଖରାଦିନ ଆସୁଥିବାରୁ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଠାକୁରମୁଣ୍ଡା ବ୍ଲକ ତରଫରୁ ବ୍ଲକ ପରିସରରେ ପିଇବା ପାଣି ବ୍ୟବସ୍ଥା କରାଗଲା । ଏଥିରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ର ବିଧାୟକ ପଦ୍ମଚରଣ ହାଇବୁରୁ ଓ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଆଜି ଏହି ପ୍ରକଳ୍ପ କୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବ୍ଲକ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଏ ବି ଡ଼ି ଓ ଟଙ୍କଧର ମହାନ୍ତ, ଏପିଓ ଧାନଚନ୍ଦ୍ର ମହାନ୍ତ,ସହକାରୀ ଯନ୍ତ୍ରୀ,ଅନ୍ୟ ବ୍ଲକ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ପାରାଦୀପ ମହାବିଦ୍ୟାଳୟ ରେ ବାଳିକା ଆତ୍ମରକ୍ଷା ଶିବିର ଉଦଘାଟିତ

ପାରାଦୀପ (ମହାଭାରତ): ପାରାଦୀପ ମହାବିଦ୍ୟାଳୟ ର ଯୁକ୍ତ ୨ ବାଳିକା ମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଶିବିର ର ଶୁଭାରମ୍ଭ କରି ମହାବିଦ୍ୟାଳୟ ଅଧକ୍ଷା ଡ଼ଃ. ସସ୍ମିତା ଶତପଥି କାର୍ଯ୍ୟକ୍ରମ ର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ମହାବିଦ୍ୟାଳୟ ର ପ୍ରାକ୍ତନ ଛାତ୍ରୀ କୁମାରୀ ବିଷ୍ଣୁପ୍ରିୟା ଓ ଦିପ୍ତୀରେଖା ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ର କଳା ଓ କୌଶଳ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।ଏହି ଶିବିରକୁ ଅଧାପିକା ଡ଼ଃ. ନଳିନୀପ୍ରଭା ମହାପାତ୍ର ଓ ପାର୍ବତିଦେବୀ ଦାସ ପରିଚାଳନା କରୁଛନ୍ତି ।



## ପାରାଦୀପ ର ବିଶିଷ୍ଟ ବ୍ୟବସାୟୀ ବିପିନ ବିହାରୀ ସେନାପତି ଙ୍କ ଦେହାନ୍ତ

ପାରାଦୀପ(ମହାଭାରତ) ପାରାଦୀପ ବନ୍ଦର ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଠିକାଦାରୀ କାର୍ଯ୍ୟ କରିଥିବା ତଥା ପାରାଦୀପ ସ୍ଥିତ ପୁରାତନ କମଳା ସିନେମା ହଲ ର ମାଲିକ ବିପିନ ବିହାରୀ ସେନାପତି ଙ୍କ ଗତ ଶନିବାର ସକାଳେ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କମଳା ସେନାପତି, ପୁତ୍ର ପ୍ରଭଞ୍ଜନ ସେନାପତି, ବିଶ୍ୱରଞ୍ଜନ ସେନାପତି, ପୁତ୍ରବଧୂ ରୋଜାଲିନ ସେନାପତି ଓ ଲିପିକା ଜେନା ସମେତ ଅନ୍ୟ ପରିବାର ସଦସ୍ୟ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ପାରାଦୀପ ରେ ଥିବା ସିନେମା ହଲ ଓ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ତାଙ୍କ ବିୟୋଗରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦରର ପୂର୍ବ□ନ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ,ପୋର୍ଟ ବିଲଡର ଆସୋସିଏସନ ର ସଭାପତି ଲକ୍ଷ୍ମୀଧର ମହାନ୍ତି, ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ବରିଷ୍ଠ ଠିକାଦାର ତଥା ବ୍ୟବସାୟୀ ମାଗୁ ଚରଣ ନାୟକ, କୈଳାଶ ମହାରଣା,କମ୍ପାନୀ ଅଧିକାରୀ ଅକ୍ଷୟ ଚନ୍ଦ୍ର ସୁତାର,ପୂର୍ବତନ ବନ୍ଦର କର୍ମଚାରୀ ରବିନ୍ଦ୍ର କୁମାର ମହାପାତ୍ର, ଆଇନଜୀବୀ ସୁରେଶ ଦାସ, ରବିନ୍ଦ୍ର ଜେନା, ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ତାଙ୍କ ଆତ୍ମାର ସଦଗତି ନିମନ୍ତେ କାମନା କରି ଶୋକ ସନ୍ତପ୍ତ ପରିବାର କୁ ଭଗବାନ ଶକ୍ତି ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି ।

## ବଡଚଣା ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ମହାଦୁର୍ନୀତି

ବଡଚଣା (ମହାଭାରତ) ଯାଜପୁର ଜିଲ୍ଲା ଦର୍ପଣ ଅଧୀନ ବଡଚଣା ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ଦୁର୍ନୀତିର ଗନ୍ତାଘର।ମାସ ମାସ ଧରି କାର୍ଯ୍ୟାଳୟରେ ବିନା ଦସ୍ତଖତରେ ପଡ଼ିରହିଛି ଦଲିଲ୍। କାର୍ଯ୍ୟାଳୟକୁ ମନ ଇଚ୍ଛା ଆସୁଛନ୍ତି ମାଜିଷ୍ଟ୍ରେଟ୍ । ଅସ୍ଥାୟୀ ଭାବରେ ଦାୟିତ୍ୱ ନେଇଥିବା ମାଜିଷ୍ଟ୍ରେଟ ବିରଜା ପ୍ରସାଦ ରଥେ ତହସିଲ୍ କାର୍ଯ୍ୟା ସାରି ଦିନ ୧ ସମୟ ରେ ଅଫିସକୁ ଆସିବା ଓ ଖାଦ୍ୟ ଖାଇସାରି ଅଫିସ ଯାଇ ଶୋଇବା ପରେ ସଂଧା ୭ ବେଳକୁ ଅଫିସ କାର୍ଯ୍ୟନିର୍ବାହ କରନ୍ତି। କାର୍ଯ୍ୟାଳୟକୁ ଆସି ସାଧାରଣ ଲୋକଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। କ୍ରେତା ଓ ବିକ୍ରେତା ଙ୍କ ଖାଲି ଦସ୍ତଖତ ଓ ଫଟୋ ଉଠେଇ ଦଲିଲ୍ ନେଇ କାର୍ଯ୍ୟାଳୟର ବଡ଼ବାବୁ ନେବାକୁ ପଡୁଛିୟ ଏବଂ ବଡ଼ବାବୁ ବିଶ୍ୱମୋହନ ବାକେ ବୟାନ ରେକର୍ଡ କରିବା ପଡୁଛି। ଦେଢ ମାସର ଦଲିଲ୍ ବିନା ଦସ୍ତଖତ ରେ ପଡ଼ିରହୁଛ। କ୍ରେତା କାର୍ଯ୍ୟାଳୟ କୁ ଦଲିଲ୍ ନେବା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛିୟ କାର୍ଯ୍ୟାଳୟ ଅବେବସ୍ତରେ ପଡିରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନର ପ୍ରତିକ୍ରିୟା ଆମର ହସ୍ତଗତ ହୋଇପାରି ନାହ।

## ପ୍ରଧାନ ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା



କୋକସରା,(ମହାଭାରତ) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ଧଳଙ୍କ ଉଦ୍ଦେଶ୍ୟରେ ସୋମବାର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ବଡ଼ପୋଡ଼ାଗୁଡ଼ା ସରପ□ ଯମୁନାନାଏକ, ବିର□ନାରାୟଣ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ପ୍ରମୋଦ ବଳ, ସ୍କୁଲ ପରିଚାଳନା କମିଟିର ସଭାପତି ନରେଶ ନାଏକ, କୃଷ୍ଣଚନ୍ଦ୍ର ନାଏକ, ଭଜମନ ନାଏକ, ଶିକ୍ଷକ ପ୍ରଦୀପ ଦାସ, ସଞ୍ଜିବ ପାଢ଼ୀ, ଶୁଭ୍ରାଂଶୁ ବେହେରା, ମଳୟ ବାଗ, ନିଳାମ୍ବର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଦାୟ ଶିକ୍ଷକ ଶ୍ରୀଧଳଙ୍କ ସହିତ ସ୍କୁଲରେ ବିତେଇ ଥିବା ସମୟ ଓ ଶିକ୍ଷାଦାନର ଅତୁଳନୀୟ କଥାକୁ ବଖାଣିଥିଲେ। ସେହିପରି ଅତିଥି ମାନେ ମଧ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧଳଙ୍କ ଏହି ବିଦ୍ୟାଳୟରେ ରହିଥିବା ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ, ଏବଂ ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଏହି ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଶିକ୍ଷକ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଚାକିରୀ କ୍ଷେତ୍ରରେ ଉଚ୍ଚ ସ୍ଥାନ ଅଧିକାର କରି ପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁଖ ଓ ସୁସ୍ଥ ଜୀବନ ହେଉ ବୋଲି କାମନା କରିଥିଲେ। ମ□କୁ ଶିକ୍ଷକ ଲକ୍ଷ୍ମୀଧର ସେନାପତି ପରିଚାଳନା କରିଥିଲେ। ଶିକ୍ଷକ କପିଳେନ୍ଦ୍ର ସିଂ, ଶୋଳପାଣି ଦାସ, ଉପେନ୍ଦ୍ର ରାଉତ, ଉଦୟ ପଣ୍ଡା, କର୍ମଚାରୀ ଭରତ ବେମାଲ, ନିଳାମ୍ବର ପୁଝାରୀ, ଶତୃଘନ ପୁଝାରୀ, ନିଳାମ୍ବର ଶବର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ପୂରାତନ ଛାତ୍ରଛାତୀ ମାନେ ମଧ ଉପସ୍ଥିତ ରହିଥିଲେ।

## ନେହୁର ଯୁବକ ସଂଘ ତରଫ ରୁ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ନେହୁର ଯୁବକ ସଂଘ ତରଫ ରୁ ପାଟଣା ଷ୍ଟାଡିୟମ ରେ ର୍ବିଶା ମୁଣ୍ଡା ହୋ ସମାଜ ପକ୍ଷ ରୁ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇ ଛି। କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ର୍ବିଶା ମୁଣ୍ଡା ହୋ ସମାଜ ଉପଦୋଷ୍ଟା ଅଭିରାମ ମୁଣ୍ଡା ଯୋଗଦାନ କରି କ୍ରୀଡା ପ୍ରତିଯୋଗୀତା କୁ ଉଦ୍ଘାଟନ କରିଥିଲେ। ଏହି ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ରାମ ଚନ୍ଦ୍ର ମୁଣ୍ଡା,ବିଜୁ ମୁଣ୍ଡା ଉପସ୍ଥିତ ଥିଲେ। ଏହି ନେହୁର ଯୁବକ ସଂଘ ତରଫ ରୁ ପୁରୁଷ,ମହିଳା ଫୁଟୁବଲ,ଭଲିବଲ,କବାଡି,ଦୌଡ଼,ଲମ୍ବଡିଆଁ, ଉଚ୍ଚ ଡିଆଁ ଭଳି ପ୍ରତିଯୋଗିତା ରହିଥିବା ବେଳେ ପାଟଣା ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ଆଦିବାସୀ ପୁରୁଷ ମହିଳା ମାନେ ଅଂଶ ଗ୍ରହଣ କରି ଛନ୍ତି । ପ୍ରଥମ ଦିନ ପୁରୁଷ ବିଭାଗ ରେ ଭଲିବଲ ପ୍ରତିଯୋଗିତାରେ ବଡ଼ପାଟଣା ପଞ୍ଚାୟତ ଓ ପଲାଶଘାଟି ପଞ୍ଚାୟତ କୁମୁଳାବାହାଳି ସହିତ ହୋଇ ଥିଲା । ଏଥିରେ ବଡ଼ ପାଟଣା ପଞ୍ଚାୟତ ବଡ଼ପାଟଣା ଦଳ ବିଜେତା ହୋଇ ଛି। ସେହିପରି ଫୁଟୁବଲ ବିଭାଗ ରେ କେନ୍ଦେଇପଶି ପଞ୍ଚାୟତ ଓ କଣ୍ଟିଆପଡା ପଞ୍ଚାୟତ ସହିତ ଫୁଟୁବଲ ପ୍ରତିଯୋଗିତା ହୋଇ ଛି । ଏଥିରେ କଣ୍ଟିଆପଡା ପ□ାୟତ ମହିଷାମୁଣ୍ଡା ଦଳ ବିଜେତା ହୋଇ ଛନ୍ତି । ଏହି ପ୍ରତିଯୋଗିତା କୁ ଫୁଟୁବଲ ବିଭାଗ ବିଜୟ କୁମାର ହେମ୍ରର୍ମ ଓ ଭଲିବଲ ବିଭାଗ ରେ ଖେଳ କୁ ସୌମ୍ୟର□ନ ଦାଶ ଓ ରିଙ୍କୁ ସେଠୀ ରେଫ୍ରି ଭାବେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଦୁଇ ଦିନଧରି ଚାଲିବ ବୋଲି ପାଟଣା ବ୍ଲକ ନେହୁର ଯୁବକ ସଂଘ ସଭାପତି ସୁଦର୍ଶନ ମୁଣ୍ଡା ସୂଚନା ଦେଇଛନ୍ତି।

## ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ବଡଚଣା (ମହାଭାରତ) : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍‌ଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୨୧୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୭ ଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୯୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧୯ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଶ୍ରୀ ଅଂଶୁମାନ ଶତପଥି,ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ କୈଳାଶ ସେଠୀ, , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ଯାଜପୁର , ତହସିଲଦାର, ଯାଜପୁର ଶ୍ରୀ ଅରବିନ୍ଦ ବେହେରା ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ଲାଇସେନ୍ସ ନିଲମ୍ବନ ପରେ ବି ଚାଲିଛି ଖଣିଜ ପରିବହନ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ର ରୋଇଡା। ଓଏମଡି ସି ଖଣି ରୁ ଖଣିଜ ପରିବହନ ବେଳେ ଅନିୟମିତତା ଦର୍ଶାଇ ଖଣି ବିଭାଗ ଏକ ପରିବହନ ଲାଇସେନ୍ସ କୁ ନିଲମ୍ବନ କରିଥିଲା ।ଏହି ନିଲମ୍ବନ ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ର ଚିଠି ସଂଖ୍ୟା ୨୭, ତା ୧/୧/୨୦୨୫ ରିଖ ରେ କରାଯାଇଥିଲା ।ପରିବହନ ରେ ନିୟୋଜିତ ୧୩ ଟି ଟ୍ରକ୍ କୁ ଖଣି ବିଭାଗ ଅଟକ ରଖି ଥିଲା ।ଏହାକୁ ଦୃଷ୍ଟିରେ ରଖି ବିଭାଗ ତୁଳସୀ ଟ୍ରାନ୍ସପୋର୍ଟ ନାମକ ପରିବହନ ସଂସ୍ଥା କୁ ନିଲମ୍ବନ କରିଥିଲା ଓ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା ।ତେଣେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏବଂ ଖଣିଜ ପରିବହନରେ ଅନିୟମିତତା ଉପରେ ଖଣି ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କଥା କହୁଥିବା ବେଳେ ଏକ ତ୍ରୁଟି ନଜର କୁ ଆସିଛି । ତା ୧/୧/୨୦୨୫ ରିଖ ରେ ବିଭାଗ ଦ୍ୱାରା ନିଲମ୍ବିତ ଲାଇସେନ୍ସ ରେ ତା ୩/୧/୨୦୨୫ ରିଖ ରେ ପୁଣି ଖଣିଜ ପରିବହନ ହୋଇଥିବା ଜଣାପଡିଛି। ରୋଇଡା।ଅଞ୍ଚଳ ର ଏକ ବୃହତ୍ ଖଣି ରୁ ୩ ଟି ଟ୍ରକ୍ ରେ ଖଣିଜ ପରିବହନ ହୋଇଛି ।ନିଲମ୍ବିତ ଲାଇସେନ୍ସ ରେ କିପରି ପୁଣି ଖଣିଜ ପରିବହନ ହେଲା ,ଏହାର ସବିଶେଷ ତଥ୍ୟ ଜାଣିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ପଚାରିବାରୁ ଉ□ର ମିଳିଥିଲା ଯେ,ପରିବହନ ଲାଇସେନ୍ସ ସସ୍ପେଣ୍ଡ ହେବା ପୂର୍ବରୁ ଟ୍ରାନ୍ସପୋର୍ଟ ସଂସ୍ଥା ରୋଇଡା ଠାରେ ପୂର୍ବରୁ ପରିବହନ କାର୍ଯ୍ୟ କରୁଥିଲା ।ଏଣୁ ଏହା ପୁରୁଣା ଖଣିଜ ପରିବହନ ଅନୁମୋଦନ ।ତେବେ ନିଲମ୍ବନ ପରେ କିପରି ପରିବହନ ହେଲା ଏହାର ଯାଞ୍ଚ ମଧ ବିଭାଗ ଆରମ୍ଭ କରିଛି ବୋଲି ଖଣି ବିଭାଗ ସୂତ୍ରରୁ ଜଣାପଡିଛି । ଇଣ୍ଟିଗ୍ରେଟେ ମାଇନ୍ସ ମିନେରାଲ ମେନେଜମେ□ ସିଷ୍ଟମ୍ ଥାଇ ମଧ ଏହିପରି ତ୍ରୁଟି କିପରି ହେଲା ଏହା ତଦନ୍ତ ସୟପେକ୍ଷ ।

## ଲୋକମହୋତ୍ସବ ୨୦୨୫ ତୃତୀୟ ଦିବସ ଆଲୋଚନାଚକ୍ର

ସମ୍ବଲପୁର (ମହାଭାରତ)ଆଜି ଆଲୋଚନାଚକ୍ରର ନୋଡାଲ ଅଫିସର ରବିନ୍ଦ୍ର ଦଲାଇ ଏବଂ ଅଧିକାରୀ କିରନ ବେହେରା ଓ ଆବାହକ ଅତିଶ କୁମାର ଶତପଥୀଙ୍କ ସହ ଉଦଘାଟନ କରିଥିଲେ। ବିଷୟ- ପଶ୍ଚିମ ଓଡିଶା - ଲୋକ ସାହିତ୍ୟର ବିଭାବ ସଭାପତିତ୍ୱ - ମୋହନ ସାହୁ ଡ. ଗୋପୀନାଥ ବାଗ-ଲୋକଗୀତରେ ଶୃଙ୍ଗାର ଉପରେ ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, ଶିଷ୍ଟ ଓ ଲୋକ ପ୍ରତ୍ୟେକ ସାହିତ୍ୟରେ ଶୃଙ୍ଗାରିକତା ରହିଛି।ୟ ତାହା କିପରି ପରିବେଷିତ ହେଉଛି ଗବେଷକମାନେ ଅନୁଧ୍ୟାନ କଲାବେଳେ ସେ ସମସ୍ତ ଦିଗ ପ୍ରତି ଧ୍ୟାନ ଦେଇଥା'ନ୍ତି। ସେ ଉଭୟ ସାହିତ୍ୟରୁ ଏହାର ଅନେକ ଦୃଷ୍ଟାନ୍ତ ଉଦ୍ଧାର କରିଥିଲେ।ୟଡ. ପରୀକ୍ଷିତ ଭୋଇ - ଲୋକଗାଥା ଉପରେ ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ,କାହାଣୀ ମୂଳକ ପଦ୍ୟକୁ ସାଧାରଣ ଭାବେ ଆମେ ଗାଥା ବୋଲି କହି ପାରିବା। ଗୀତ ଭିତରେ ଏଥିରେ କାହାଣୀ କୁହାଯାଏ।ୟ ସ୍ଥାନ ଭେଦରେ ଏଥିରେ ପରିବର୍ତ୍ତନ ଆସିପାରେ। ଲୋକସଂସ୍କୃତିର ଅନ୍ୟାନ୍ୟ ବିଭାବ ଯଥା ଗୀତ,କାହାଣୀ,ନୃତ୍ୟ ଭଳି ଏହା ବହୁମାତ୍ରାରେ ଆଲୋଚିତ ହୁଏନାହିଁ। ତେଣୁ ଗବେଷକଗଣଙ୍କ ବ୍ୟତିତ ଅନ୍ୟମାନେ ଏଥିପ୍ରତି ମନ ବଳାନ୍ତି ନାହିଁ ।ସେ ବିଭିନ୍ନ ଗାଥା କାହାଣୀଗୁଡିକର ଦୃଷ୍ଟାନ୍ତ ଉଦ୍ଧାର କରି କହିଥିଲେ ଯେ,ପ୍ରାୟତଃ ସମସ୍ତ ଗାଥା ଗୁଡିକରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଚେତନତାର ବାର୍ତ୍ତା। ରହିଥାଏ ।ଅଖିଳ ବିଶ୍ୱାଳ - ଲୋକ ସାହିତ୍ୟରେ କୃଷି ବିଷୟ ଉପରେ ବକ୍ତବ୍ୟ ରଖି କହିଲେ ଯେ, ଇଂରାଜୀ ଶବ୍ଦ କଲଚର ଶବ୍ଦ ଲାଟିନର କଲଟ୍ୟୁରାରୁ ଆସିଛି ଏହାର ଅର୍ଥ ହେଉଛି ହଳ କରିବା ତେଣୁ ସଂସ୍କୃତି ଓ ପରେ ସଭ୍ୟତା ଉଭୟ କୃଷି ଦ୍ୱାରା ସୃଷ୍ଟ।ୟ କୃଷିକୁ ନେଇ ହିଁ ଅଧିକ ଲୋକ ସାହିତ୍ୟ ଓ ସାଂସ୍କୃତିକ ପର୍ବ ରହିଛି। ଲୋକସାହିତ୍ୟ ବ୍ୟତିତ କୃଷି ଉପରେ ଶିଷ୍ଟ ସାହିତ୍ୟର ମଧ୍ୟ ଅଭାବ ନାହିଁ। ଲୋକ ସାହିତ୍ୟରେ ବିଭିନ୍ନ କୃଷି ନିୟମ,କୃଷି ଉପାଦାନ ଏପରିକି ଗାଈ,ଗୋବର,ବଳଦ ଆଦି ଉପରେ ଲୋକ ସାହିତ୍ୟରେ ରହିଥିବା ଅନେକ ଦୃଷ୍ଟାନ୍ତ ସେ ଉଦ୍ଧାର କରି ତାଙ୍କ ବକ୍ତବ୍ୟ ରଖିଥିଲେ। ସଭାପତିତ୍ୱ -ସାଂପ୍ରତିକ ପରିସ୍ଥିତିରେ ଲୋକର ସଂଜ୍ଞା ଆମେ ପରିବର୍ତ୍ତନ କରି ପାରିବା ନା ନାହିଁ,ଲୋକରେ ବର୍ଣ୍ଣିତ ସବୁ ଆମେ ଗ୍ରହଣ କରି ପାରିବା କି ଏଭଳି ଅନେକ ତଥ୍ୟ ବିତର୍କର ବିଷୟ। ଦ୍ୱିତୀୟ ଅଧିବେଶନରେ କବି ତଫଜୁଲ ହୋସେନ ଓ କବି ବିଭୂତି ମିଶ୍ରଙ୍କ ସଂଯୋଜନାରେ କବି ସମ୍ମିଳନୀ ଆୟୋଜିତ ହୋଇଥିଲା ଏଥିରେ ଉଭୟ ସମ୍ବଲପୁରୀ ଓ ଓଡିଆରେ କବିତା ଗୁଡିକ ନେଇ ବହୁ ଉତ୍ସାହର ସହ କବିମାନେ ଅଂଶ ଗ୍ରହଣ କରିଥିଲେ। ଲୋକଗୀତ କାର୍ଯ୍ୟକ୍ରମରେ ପଥମ ଗୀତ ମର୍ଦଳ ଶୈଳୀରେ ମିତ୍ରଭାନୁ ଗୌନ୍ତିଆଙ୍କ 'କେନେ କାଟେ କାନ କୁଟୁରୁ' ପରିବେଷଣ କରିଥିଲେ ବିଭୂତି ପଟ୍ଟନାୟକ,ସୌମ୍ୟଜିତ ସୌମିତ୍ରି ବଡପଣ୍ଡା ଏହାପରେ ନେଇ ଆସିଲେ ଡଣ୍ ଶୈଳୀରେ 'ବଏଁଶୀ ମୋର କିଏ ଚୁରେଇ ନେଲା',ଲୋକଗୀତ ପର୍ଯ୍ୟାୟର ତୃତୀୟ ଅର୍ଘ୍ୟ ଥିଲା ଲିପିକା ବିଭାରଙ୍କ ମାଦଳ ଶୈଳୀର 'ମଲିଫୁଲ ଜହ୍ନକ ରାତି', 'ବନ୍ଧ ଖଁଡି' ଦୁଷ୍ମନ୍ତ ସୁନାଙ୍କ ଲିଖିତ ଓ ତାଙ୍କ ଦ୍ୱାରା ଗାନ କରାଯାଇଥିବା ଏହି ଗୀତଟି ଥିଲା ଚଳିତବର୍ଷ ଲୋକମହୋତ୍ସବ ଲୋକଗୀତ ପର୍ଯ୍ୟାୟର ଶେଷ ଗୀତ। ଏହି କାର୍ଯ୍ୟକ୍ରମର ସଙ୍ଗୀତ ପରିଚାଳନା ତଥା ନିର୍ଦ୍ଦେଶନା ଦେଇଥିଲେ ଗୁରୁ ରତନ କୁମାର ପୂଜାହାରୀ ।ସମ୍ବଲପୁରର ଐତିହ୍ୟ ଓ ପର୍ଯଟନ ଉପରେ ଲୋକମହୋତ୍ସବ ତଥ୍ୟ ସଂଗ୍ରହ ଉପସମିତି ପକ୍ଷରୁ ଆଶିଷ କୁମାର ପ୍ରଧାନଙ୍କ ଆବାହତ୍ୱରେ ପ୍ରସ୍ତୁତ ଏକ ବୃ□ଚିତ୍ର ମଞ୍ଚରେ ପ୍ରଦର୍ଶିତ ହୋଇଥିଲା।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉଡୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାଏକ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା,ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୫୭ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ଯରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୧୦ ଗୋଟି ଓ ୭ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉଡୟନ ଅଧିକାରୀ ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ ସ୍ଥାନୀୟ ତହସିଲଦାର ଓ ଅଭିଯୋଗ ଶୁଣାଣୀର ନୋଡାଲ ଅଧିକାରୀ ତଥା ଡେପୁଟି କଲେକ୍ଟର ଲିପିନା ଦାସ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ହିନ୍ଦୋଳରେ ଚଢ଼ା ଦରରେ ବିକ୍ରି ହେଉଛି ବିଦେଶୀମଦ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ କାହା ଛତ୍ର ଛାୟା ତଳେ ସରକାରୀ ମଦ ଦୋକାନ। ଧାର୍ଯ୍ୟ ଦରଠାରୁ ଚଢ଼ା ଦରରେ ବିକ୍ରି କରୁଛନ୍ତି ମଦ,ଦିନ ଦ୍ୱିପ୍ରହରରେ ଲୋକଙ୍କ ଆଖିରେ ଆଙ୍ଗୁଳି ଗେଂଜି ପ୍ରତେକ ଦିନ ଜନସାଧାରଣ ଙ୍କ ଠାରୁ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ସୃଷ୍ଟି କରୁଛି। ଅନେକ ପ୍ରଶ୍ନବାଚୀ କ୍ଷସରକାର ବଦଳିଛି ହେଲେ ଏଯାଏ ଉପଖଣ୍ଡ ରୁ ଦୁର୍ନୀତି ବଦଳି ପାରିନି,ଚିରା ଚରିତ ପ୍ରଥାରେ ଚାଲିଛି। ହିନ୍ଦୋଳ ଉପଖଣ୍ଡ ରେ ଦୁର୍ନୀତି କ୍ଷସବୁଜାଣି ବିଭାଗୀୟ ଅଧିକାରୀ ଏଠି କୁମ୍ଭକର୍ଣ୍ଣ ନିଦ୍ରାରେ, ଏଭଳି ଘଟଣା ଉପଖଣ୍ଡ ର ବିଭିନ୍ନ ବିଭାଗରେ ହେଉଥିବା ବେଳେ ଅବକାରୀ ବିଭାଗର ଦୁର୍ନୀତି ଏବେ ସୀମା ଟପି ଯାଇଛି । ଏଭଳି ଘଟଣା ହିନ୍ଦୋଳ ଉପଖଣ୍ଡ




ର ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ରେ ଦେଖିବାକୁ ମିଳିଛି । ଉପଖଣ୍ଡ ର ବିଭିନ୍ନ ମଦ ଦୋକାନରେ ନମ୍ବର -୧ ହୁସ୍କି ନିବ ର ଦାମ ୧୮୦ଟଙ୍କା ହେଲେ ଦୋକାନୀ ବିକୁଛନ୍ତି ୨୦୦ ଟଙ୍କା ରୟାଲ ଗ୍ରୀନ ୨୦୦ ଟଙ୍କା ହୋଇଥିବା ବେଳେ ବିକ୍ରୟ ହେଉଛି ।୨୨୦ ଟଙ୍କା, ବିୟର କାଚ ବୋତଲ ୧୫୦ ଟଙ୍କା ପ୍ରି□ ଥିବା ବେଳେ ବିକ୍ରୟ ହେଉଛି ୧୭୦ଟଙ୍କା, କେନ ବିୟର ୧୨୦ଟଙ୍କା ଥିବାବେଳେ ବିକ୍ରୟ ହେଉଛି ୧୩୦ ଟଙ୍କା କ୍ଷଉପଖଣ୍ଡରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ମଳିକ ମାନେ ବିକ୍ରୟ କରୁଛନ୍ତି ଚଢ଼ା ଦର ରେ ଏପରିକି ଦର ଲେବଲ କୁ ଉଠାଇ ଏବଂ ବିନା ରସିଦରେ ବିକ୍ରି କରୁଛନ୍ତି ସବୁ ମଦ । ବିଷୟ ରେ ଅବକାରୀ ବିଭାଗ ସବୁଜାଣି ସମସ୍ତେ ଚୁପ, ରାଜ୍ୟରେ ୧୦୩୦ ଠିପି ବନ୍ଦ ଦୋକାନ ଥିବା ବେଳେ ବହୁତ ବିୟର ବାର ଦୋକାନ ଅଛି, ଯେଉଁମାନେ ଲାଇସେନ୍ସ ପାଇଛନ୍ତି ସେମାନଙ୍କୁ ଅବକାରୀ ବିଭାଗ ହାତକାଟି ଲେଖି ଦେଇଛି ଗ୍ରାହକ ଙ୍କ ଠାରୁ ୧ ପଇସା ବି ଅଧିକ ନେଇପାରିବେ ନାହିଁ, ଯଦି ନେବେ ତାହେଲେ ୧ ଲକ୍ଷ୍ୟ ୫୦ ହଜାର ଟଙ୍କା ଜରିମନା ଗଣିବେ, ହେଲେ ଦୋକାନୀ ମାନେ ଏହି ନିୟମ ମାନୁଛନ୍ତି କି ନାହିଁ ଅବକାରୀ ବିଭାଗ ପାଖରେ ଖବର ନାହିଁୟ ।ହିନ୍ଦୋଳ ଉପଖଣ୍ଡ ରେ ଥିବା ମଦ ଦୋକାନୀ ମାନେ ଏହି ନିୟମ ମାନୁ ନାହାନ୍ତି, ସବୁ ନିୟମ କୁ ଦଳି ମକଚି ବେପାର କରୁଛନ୍ତି, ବୋତଲ ପିଛା ୨୦ରୁ ୩୦ ଟଙ୍କା ଅଧିକ ନେଉଛନ୍ତି, ନିୟମ କହୁଛି ଲାଇସେନ୍ସ ପାଇଥିବା ଦୋକାନୀ ଲାଇସେନ୍ସ ଫଟୋ, ଓ ମଦର ଦର ତାଲିକା ଦୋକାନ ସାମ୍ନାରେ ଲଗାଇବା ଲଗାଇବା ପାଇଁ ବାଧ, ଏହି ନିୟମ କୌଣସି ମଦ ଦୋକାନୀ ନ ମାନିଲେ କାର୍ଯ୍ୟାନୁଷ୍ଠାନ ହେବ, ହେଲେ ଏହି ନିୟମ ଚୁଲିକୁ ଯାଇଛି ନିଜ ନିୟମରେ ମନଇଛା ଦରରେ ବିକୁଛନ୍ତି ଉପଖଣ୍ଡ ର ବିଭିନ୍ନ ମଦ ଦୋକାନୀ ମାନେ । ଯଦି କେହି ଗ୍ରାହକ ବିଲ ମାଗୁଛି କିମ୍ବା ପ୍ରତିବାଦ କରୁଛି ମଦ ଦୋକାନୀ ମାନେ ଖରାପ ବ୍ୟବହାର କରିବା ସହିତ ମାରପିଟ କରୁଥିବା ଦେଖିବାକୁ ମିଳୁଛି । ନିଜର ସମ୍ମନ୍ଧନ ଭୟରେ ଗ୍ରାହକମାନେ ପାଟି ଖୋଲିବାକୁ ସାହସ କରି ପାରୁନାହାନ୍ତି ।ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା ଚଢ଼ା ଦରରେ ମଦ ବିକ୍ରି ବିଷୟରେ ଅବକାରୀ ବିଭାଗ ସବୁ ଜାଣିଛନ୍ତି ।ହେଲେ ଏବିଷୟରେ କେହି ମୁହଁ ଖୋଲୁନାହାନ୍ତି କି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି, ଉପଖଣ୍ଡ ର ସମସ୍ତ ମଦଦୋକାନ ରେ ଚଢ଼ା ଦରରେ ମଦ ବିକ୍ରୟ ହେଉଥିବା ବେଳେ ଖଜୁରିଆକଟା ଜନଗହଳି ପୁର୍ଣ ଅଞ୍ଚଳ ରେ ଗୋଟିଏ ଠିପି ବନ୍ଦ ଦେଶୀ ମଦ ଦୋକାନ ଓ ଗୋଟିଏ ବିଅର ବାର ରହିଥିବା ବେଳେ ହିନ୍ଦୋଳ ସମେତ ସମସ୍ତ ମଦ ଦୋକାନରେ ଗୋଟିଏ ମଦ ନିବ ପିଛା ଠିପି ବନ୍ଦ ମଦ ଦୋକାନ ଟି ପ୍ରି□ ରେଟ ଠାରୁ ୨୦ ଟଙ୍କା ଅଧିକ ନେଉଥିବା ବେଳେ ବିୟର ବାରଟି ବିୟରର ମୂଲ୍ୟ ପ୍ରି□ ରେଟ ଠାରୁ ୪୦ ଟଙ୍କା ଅଧିକ ନେଉଥିବା ଦେଖିବାକୁ ମିଳିଛି ।କିଛି ଗ୍ରାହକ ଅଭିଯୋଗ କରିଲେ ମଧ୍ୟ ଦୋକାନ ରେ ଥିବା ସେଲ୍ସମ୍ୟାନ ମାନେ ଇଛା ହେଲେ ମଦ କିଣ ନହେଲେ ଦୋକାନ ସାମ୍ନାରୁ ଚାଲିଯାଅ ଧମକ ଦେଉଥିବା ଦେଖିବାକୁ ମିଳୁଛି, ରସିଦ ମାଗିଲେ ସେମାନଙ୍କ ଠାରୁ ବିଭିନ୍ନ ପ୍ରକାର ଧମକ ମିଳୁଥିବା ଦେଖିବାକୁ ମିଳୁଛି, ଏଥିରୁ ସ୍ପଷ୍ଟ ଜଣାପଡେ ଚଢ଼ା ଦରରେ ବିକ୍ରି କରିବା ପଛରେ ଅବକାରୀ ବିଭାଗ ର ହାତ ରହିଛି, ଏ ସମ୍ପର୍କ ରେ ଢେଙ୍କାନାଳ ଅବକାରୀ ବିଭାଗ ଅଧିକାରୀ ସୀତାରାଣୀ ପଟାୟତଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମଦ ର ରେଟ ବଢିଛି ସେମାନେ ଦଶ ଟଙ୍କା ଅଧିକ ନେଉଛନ୍ତି ଅଧିକ ଡର ନେଉଥିବା ଦୋକାନୀ ମାନଙ୍କ ବିରୁଦ୍ଧରେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ ଭଳି ବିଭ୍ରାନ୍ତି କର ମନ୍ତବ୍ୟ ଦେଉଥିବା ଜଣାପଡିଛି । ତେବେ ଦେଖିବାକୁ ବାକି ରହିଲା କେବେ ଅବକାରୀ ବିଭାଗର ନିଦ ଭାଙ୍ଗିବ, ଆଉ କେବେ ମଦ ଦୋକାନୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

## ସଭିଙ୍କୁ ମିଳିବ ସେମାନଙ୍କ ସ୍ୱପ୍ନର ଘର’



ରାଇରଙ୍ଗପୁର କଲେଜ ଆଲୁମନି ଆସୋସିଏସନର ବୈଠକ ରାଇରଙ୍ଗପୁର / ରାଇରଙ୍ଗପୁର କଲେଜର ଆଲୁମନି ଆସୋସିଏସନ ର ବୈଠକ ମୟୂରଭଞ୍ଜ ସାଂସଦ ତଥା ଆଲୁମନି ଆସୋସିଏସନର ସଭାପତି ନବ ଚରଣ ମାଝିଙ୍କ ଅଧକ୍ଷତାରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛ। ସାଧାରଣ ସମ୍ପାଦକ ମନୋଜ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଇରଙ୍ଗପୁର କଲେଜକୁ ସରକାରୀ କଲେଜରେ ପରିଣତ କରିବା ସମ୍ପର୍କରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ସହ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାଂସଦ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ. କଲେଜରେ ଆବଶ୍ୟକ ହେଉଥିବା ଶ୍ରେଣୀ ଗୃହ ନିର୍ମାଣ, ନୂଆ ବିଷୟ ଖୋଲିବା, ସ୍ନା□କୋତର ଶ୍ରେଣୀ ଖୋଲିବା, କଲେଜର ବାର୍ଷିକ ଉତ୍ସବ ପାଳନ, ହୀରକ ଜୟନ୍ତୀ ପାଳନ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ସଂଖ୍ୟାରେ ସାମିଲ କରିବା ଆଦି ସମ୍ପର୍କରେ କଲେଜ ଅଧକ୍ଷ ସୁନୀଲ ଜେନା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ମହାନ୍ତି, ମନୋଜ ମହାନ୍ତ, ସୌରଭ ପଟ୍ଟନାୟକ, ବୁଲୁ ଦିଗାର, ବିଜୟ ରାମ, ଗୌରୀ ଦ□, ଅମିତ ମହାନ୍ତ, ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଦିଗମ୍ବର ଗିରି ଧନ୍ୟବାଦ ଅର୍ପଣ କରିଥିଲେ. ସଭାପତିଙ୍କ ପରାମର୍ଶ କ୍ରମେ ଚଳିତ ଜାନୁଆରୀ ମାସ ୨୫ତାରିଖ ଦିନ ପରବର୍ତ୍ତୀ ବୈଠକ କରାଯିବାକୁ ନିଷ୍ପ□ ଗ୍ରହଣ କରାଯାଇଛି।

## ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ ହୋଇଥିଲା

### ସୂଚନା ଦେଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ

ଅନୁଗୋଳ(ମହାଭାରତ):ଅପରାଧୀଙ୍କ ପାଇଁ ଦୁସ୍ୱପ୍ନ ପାଲଟିଛନ୍ତି ଅନୁଗୋଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ।ଦୁଇଦିନ ଭିତରେ ଧରପଡିଲା ଗୁଳିକାଣ୍ଡର ଅପରାଧୀ ଯପୂର୍ବ ଶତ୍ରୁତା ପାଇଁ ନିଶାସକ୍ତ ଅବସ୍ଥାରେ ବାପାଙ୍କ ବଦଳରେ ଭୁଲରେ ଭାଇ ଓ ଭଉଣୀକୁ କରିଥିଲା ଗୁଳି ।ଅନୁଗୁଳ ଜିଲ୍ଲା କିଶୋରନଗର ଥାନା ଭାଗମୁଣ୍ଡା ଗାଁର ଭାଇ ଭଉଣୀକୁ ଗୁଳି ମାରିବା ଘଟଣାରେ ଗୁଳି ମାରିଥିବା ଅଭିଯୁକ୍ତ ପ୍ରଶାନ୍ତ ମିଁଧାକୁ ସମ୍ବଲପୁର ନାକଟିଦେଉଳ ଅଞ୍ଚଳରୁ ପୁଲିସ ଧରିବାକୁ ସକ୍ଷମ ହୋଇଛି । ଭାଇ - ଭଉଣୀଙ୍କ ବାପା ପ୍ରଫୁଲ ମିଁଧା ସହ ପୂର୍ବ ଶତ୍ରୁତାରୁ ଅଭିଯୁକ୍ତ ପ୍ରଶାନ୍ତ ମିଁଧା ଗୁଳି କାଣ୍ଡ କରିଥିବା ଜଣା ପଡିଛି ।ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ଅନୁଗୁଳ ଜିଲ୍ଲା କିଶୋରନଗର ଥାନା ଭଗାମୁଣ୍ଡା ଗାଁରେ ରାତିରେ ପ୍ରଫୁଲ୍ଲ ମିଁଧାଙ୍କ ୧୧ ବର୍ଷର ପୁଅ ପ୍ରକାଶ



ମିଁଧା ଓ ୧୫ ବର୍ଷୀୟ ଝିଅ ଯଜ୍ଞସେନୀ ମିଁଧା ଘର ବାରଣ୍ଡାରେ ଶୋଇଥିଲେ । ରାତି ପ୍ରାୟ ୧୨ ଟା ବେଳେ ହଠାତ ଉଭୟ ଚିତ୍କାର କରି ଉଠିଥିଲେ । ପରିବାର ଲୋକ ଦଉଡି ଆସି ଦେଖିବା ବେଳେକୁ ସେମାନଙ୍କ ଦେହରେ ଗୁଳି ବାଜିଛି । ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ କିଶୋରନଗର ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା । ତେବେ ସେଠାରେ ଉଭୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତରିତ କରା ଯାଇଛି । ଏବେ ମଧ୍ୟ ଉଭୟ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି । ଅନୁଗୋଳ ପୋଲିସ ର ଏକ ଟିମ ସେଠାରେ ସେମାନଙ୍କ ତଦାରଖ କରୁଛନ୍ତି ।ଏହି ଘଟଣାରେ ଅନୁଗୁଳ ଜିଲ୍ଲା ଏସ ପି ରାହୁଲ ଜୈନ ଘଟଣାସ୍ଥଳକୁ ଯାଇ ନିଜେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକ ଟିମ ଗଠନ କରି ତଦନ୍ତ କରିବାକୁ ନିର୍ଦେଶ ଦେଇଥିଲେ। ପ୍ରଥମେ ଶିକାରୀ ଗୁଳି ବାଜି ଏହି ଅଘଟଣ ଘଟିଥାଇ ପାରେ ବୋଲି ସନ୍ଦେହ କରା ଯାଉଥିଲା । ତେବେ ତଦନ୍ତ ବେଳେ ପୂର୍ବ ଶତ୍ରୁତାରୁ ଏହି କାଣ୍ଡ ଘଟିଥିବା ପୁଲିସ ଜାଣିବାକୁ ପାଇଥିଲା ଯ ପ୍ରଫୁଲ ମିଁଧାଙ୍କ ସହ ଗାଁର ପ୍ରଶାନ୍ତ ମିଁଧାଙ୍କର ପୂର୍ବରୁ ଝଗଡା ହୋଇଥିଲା। ଏହି ରାଗରେ ପ୍ରଶାନ୍ତ ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଆସି ବାରଣ୍ଡାରେ ପ୍ରଫୁଲ ଶୋଇଥିବା ଭାବି ଗୁଳି କରି ଫେରାର ହୋଇ ଯାଇଥିଲେ । ତେବେ ଶନିବାର ପୁଲିସ ପ୍ରଶାନ୍ତଙ୍କୁ ନାକିଟିଦେଉଳ ଅଞ୍ଚଳରୁ ଧରିବାକୁ ସଫଳ ହୋଇଥିବା ବେଳେ ତାଙ୍କୁ କିଶୋରନଗର ଅଣା ଯାଉଛି । ଏଠାରେ ତାଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ। ଅପରାଧୀ ନିକଟରୁ ଦୁଇଟି ବନ୍ଧୁକ ସହ ଗୋଟାଏ ମୋବାଇଲ ଫୋନ ଜବତ କରିଛି ପୋଲିସ। ଅନୁଗୋଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ କହିଛନ୍ତି ଯେ ଅପରାଧୀ ତାର କରିଥିବା ଅପରାଧ ପାଇଁ ଯେମିତି କଠୋର ଦଣ୍ଡ ପାଇବ ତାହା ପ୍ରତି ଅନୁଗୁଳ ଜିଲ୍ଲା ପୋଲିସ ଧ୍ୟାନ ଦେବୟ ପୋଲିସ ଏହି ଗୁଳିକାଣ୍ଡ ଘଟଣାର ତଦନ୍ତ ଆଗକୁ ମଧ୍ୟ ଜାରି ରଖିବ। ଏ ସମସ୍ତ ସୁଚନା ଅନୁଗୁଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ରବିବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦାନ କରିଛନ୍ତ।

## ନିଖିଳ ଓଡିଶା ଗ୍ରାମପଞ୍ଚାୟତ ରାତ୍ର ଜଗୁଆଳି ଓ ଝାଡ଼ୁଦାର ଶ୍ରମିକଙ୍କ ସର୍ବ ନିମ୍ନ ମଜୁରୀ ସରକାର ପ୍ରଦାନ କରିବେ କେବ

କଳାହାଣ୍ଡି/ମହାଭାରତ :କଳାହାଣ୍ଡି ଜିଲ୍ଲା ଭବାନୀ ପାଟଣା ସ୍ଥିତ ଅମଲା ଭବନଠାରେ ନିଖିଳ ଓଡିଶା ରାତ୍ର ଜଗୁଳିଆ ଝାଡୁଦାର ଶ୍ରମିକ କଳାହାଣ୍ଡି ସଂଘର ଏକ ଜରୁରୀ ବୈଠକ ବିରଞ୍ଚି ପ୍ରସାଦ ନାଏକଙ୍କ ଆହ୍ୱାନ ଓ ଲଳିତ ପାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବର୍ତ୍ତମାନ ସୁଦ୍ଧା ଭାରତ ସ୍ୱାଧୀନ ହୋଇ ଆଜିକି ୭୫ ବର୍ଷ ପଦାର୍ପଣ କରିସାରିଥିବା ସ□ ରାତ୍ର ଜଗୁଆଳି ଓ ଝାଡୁଦାରଙ୍କୁ ବର୍ତ୍ତମାନ ସରକାରୀ ଅନୁଦାନ ପ୍ରାପ୍ତ ହୋଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏକ ନୂତନ କମିଟି ଗଠନ କରି ସର୍ବସମ୍ମତି କ୍ରମେ ଶ୍ରୀ କିଶୋର ବାଗ ସଭାପତି, ସମ୍ପାଦକ ଭାବରେ ବିରଞ୍ଚି ପ୍ରସାଦ ନାଏକ ଏବଂ କୋଷାଧକ୍ଷ ଭାବରେ ବିକାଶ ଦାସଙ୍କୁ ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସ୍ତରୀୟ ସାଧାରଣ ସଂପାଦକ ବିଦୂର କୁମାର, ସହସାଧାରଣ ସଂପାଦକ ସୁରେନ୍ଦ୍ର ଗୁରୁ ଏବଂ କୋଷାଧକ୍ଷ ଗଜାନନ୍ ନାଗ ଉପସ୍ଥିତ ଥିଲେ ଓ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା ୟ ବୈଠକରେ କଳାହାଣ୍ଡି ଜିଲ୍ଲା ୧୩ ଗୋଟି ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ ଓ ଏହି ପ୍ରମୁଖ ଦାବି ଗୁଡ଼ିକ ଉପସ୍ଥାପନ କରିଥିଲେ। ଗ୍ରାମପଞ୍ଚାୟତରେ ରାତ୍ରଜଗୁଆଳି ଓ ଝାଡୁଦାର ମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା,ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବା, ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବା ଓ ଅବସରକାଳୀନ ଭତ୍ତା ପ୍ରଦାନ କରିବା ସହ ଓ ମାସିକ ଭତ୍ତା ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି। ଯଦି ସରକାର କଥା ନ ଶୁଣନ୍ତି ତାହାହେଲେ ପରିବାର ସହ ରାଜ ରାସ୍ତା କୁ ପରିବାର ସହ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି।



## ଜୁନାଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଜୁନାଗଡ଼ -(ମହାଭାରତ) ଜୁନାଗଡ଼ ସହର ସ୍ଥିତ ହାଇସ୍କୁଲ୍ ଖେଳ ପଡିଆ ମା ଲଙ୍କେଶ୍ୱରୀ ମଞ୍ଚ ରେ ଜୁନାଗଡ଼ ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ଫେବୃଆରୀ ମାସରେ ୩ ଦିନ ଧରି ଜୁନାଗଡ଼ ମହୋତ୍ସବ ଅନୁଷ୍ଠିତ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ନିଜ ଅଂଚଳ ର କଳା ସଂସ୍କୃତି ର ଉଜାଗର ତଥା ଅଂଚଳ ର ଜନସାଧାରଣ ଙ୍କ ସଂସ୍କୃତି ପ୍ରେମ କୁ ଆଖି ଆଗରେ ରଖି ଜୁନାଗଡ଼ ଅଂଚଳ ବାସି ତିନିଦିନ ଧରି ଜୁନାଗଡ଼ ମହୋତ୍ସବ କରିବା ପାଇଁ ନିଷ୍ପତି ନେଇଛନ୍ତି । ଓକିଲ ସଙ୍ଘ ସମ୍ପାଦକ ହିମାଂଶୁ ଶେଖର ବରାଡ଼ ଙ୍କ ଆବାହନ ଓ ଅନୁରୋଧ ରକ୍ଷା କରି ଶହ ଶହ ଜୁନାଗଡ଼ ବାସି ଆଜି ସ୍ଥାନୀୟ ମା ଲଙ୍କେଶ୍ୱରୀ ମ□ ରେ ଏକତ୍ରିତ ହୋଇ ଜୁନାଗଡ଼ ର ସ୍ୱାଭିମାନ କୁ ଆଖିଆଗରେ ରଖି ମହୋତ୍ସବ ପାଇଁ ଏକ କୋର କମିଟି ଗଠିତ ହୋଇ ଯାଇଛି ।

## ଜୟପୁର ଠାରେ ଜିଲ୍ଲାପାଳଙ୍କ ୨୭ ଗୋଟି ମିଳିତ ଅଭିଯୋଗ ଶୁଣାଣି

ଜୟପୁର(ମହାଭାରତ) ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ଶ୍ରୀ ୱି କୀର୍ତ୍ତି ବାସନ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅୟରକ୍ଷୀ ଅଧିକ୍ଷକ ଶ୍ରୀ ରୋହିତ ବର୍ମା, କୋରାପୁଟ, ଉପଜିଲ୍ଲାପାଳ ଜୟପୁର କୁମାରି ଅକାବରମ ଶସ୍ୟା ରେଡ୍ଡୀ, ରବି ନାରାୟଣ ମିଶ୍ର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଜୟପୁର ପ୍ରମୁଖ ଉପସ୍ଥିତ ଥିଲେ ୟ ଏହି ଅଭିଯୋଗ ଶୁଣାଣିରେ ୮ ଗୋଟି ଗୋଷ୍ଟିଗତ ସମସ୍ୟା ଓ ୧୯ ଗୋଟି ବ୍ୟକ୍ତିଗତ ସମସ୍ୟା ସମୁଦାୟ ୨୭ ଗୋଟି ବିଭିନ୍ନ ସମସ୍ୟାର ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା । ଜମିବାଡି ବିବାଦ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ଜମି ବିବାଦ, ରାସ୍ତାଗତ ସମସ୍ୟା, ଆଇନ ଜନିତ ମାମଲା ଓ ବଦଳି ସମସ୍ୟା ଇତ୍ୟାଦି ଓ ଆର୍ଥିକ ସହାୟତା ନିମନ୍ତେ ମଧ୍ୟ ଜିଲ୍ଲାପାଳଙ୍କୁ ସହାୟତା ନିମନ୍ତେ ଜଣାଇ ଥିଲେ। ପୁରୁଣା ବୋରିଗୁମ୍ମା ଗ୍ରାମ ବାସୀ ଚିଟ୍ ଫଣ୍ଡ ଠକେଇ ସମସ୍ୟା ନେଇ ଆସି ଥିଲେୟ ୩ ବର୍ଷ ହେବ ଚିଟ ବାନ୍ଧି ଥିବା ଟଙ୍କା ଫେରସ୍ତ ପାଇ ନ ଥିବା ଜିଲ୍ଲାପାଳ ଙ୍କୁ ଜଣାଇ ଥିଲେ ।ଜୟପୁର ସମାଜସେବୀ ସୁବାଶ ରାଉତ ଏକ କ୍ରିକେଟ ଖେଳ ପଡିଆ ନିମନ୍ତେ ମଧ୍ୟ ଅନୁରୋଧ କରି ଥିଲେ । ଏହି ପରି ବିଭିଅଉ ସମସ୍ୟା ଉପରେ ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ସମନ୍ବିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମୋହୟପତ୍ର , ତହସିଲଦାର ଜୟପୁର, ସବ୍ୟସାଚୀ ଜେନା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପାଳିକା କୃତିବାସ ସାହୁ, ଜିଲା ପଂଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ଚଉଡଟଉଇ ଦେବୀ ପ୍ରସାଦ ତାଳି, ଉଝଡ, କୋରାପୁଟ ସର୍ବେଶ୍ୱର ନାୟକ, ଉଉଚଡ ରାଜେଶ୍ୱରୀ ଦେବୀ, କୋରାପୁଟ, ରର ଜଇ ଶିରଧର ଖଣ୍ଡପାଣି, ଜୟପୁର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ଜୟପୁର, ଝଚଝଡଉଖର କର୍ମକର୍ତ୍ତା, ବିଦ୍ୟୁତ ବିଭାଗର କର୍ମକ□ୟ, ଅତିରିକ୍ତ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଶ୍ରୀ ସୁନିଲ କୁମାର ଜେନା, ଜୟପୁର ଓ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହୋତ୍ସବ କମିଟିକୁ ପୋଖରୀ ପୋତିବା ପଡ଼ିଲା ମହଙ୍ଗା

## ଦୁଇ ଦିନ ଭିତରେ ପୋଖରୀ ଭିତରୁ ମୋରମ କାଢ଼ିବାକୁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

ଖୋର୍ଦ୍ଧା,(ମହାଭାରତ) : ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟୁ ଥିଙ୍କିଙ୍ଗ ଫୋରମ ଦ୍ୱାରା ଆୟୋଜିତ ଖୋର୍ଦ୍ଧା ମହୋତ୍ସବ ଅନେକ ବାଦ ବିବାଦ ଭିତରେ ହାବେଳୀ ପଡ଼ିଆରେ ଚଳିତ ବର୍ଷ ଡିସେମ୍ବର ୧୫ତାରିଖରୁ ଆରମ୍ଭ ହୋଇ ୨୨ତାରିଖରେ ଶେଷ ହେବାକୁ ଥିବାବେଳେ ଅଦିନିଆ ବର୍ଷା କାରଣରୁ କାର୍ଯ୍ୟକ୍ରମକୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଖୋର୍ଦ୍ଧା ମହୋତ୍ସବରେ ଦ୍ୱିତୀୟ ଦିନ ଠାରୁ ନେଇ କାର୍ଯକ୍ରମ ଶେଷ ହେବା ପର୍ଯ୍ୟନ୍ତ ଶାସକ ଦଳର କୌଣସି ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି କମିଟିର ଅପାରଗତାକୁ ପଦାରେ ପକାଇଥିଲା। ଏହା ସହିତ ମହୋତ୍ସବରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖି ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମକୁ ବଢ଼ାଇବା ପାଇଁ ଅନୁମତି ମିଳି ପାରିନଥିଲା। ବାଧ ହୋଇ ମହୋତ୍ସବ ଆୟୋଜକ କମିଟି ଗତ ଡିସେମ୍ବର




୨୩ତାରିଖରେ କାର୍ଯକ୍ରମକୁ ଉଦଯାପନ କରିଥଲେ। ତଥାପି ବିବାଦ ଘେର ଭିତରୁ ଆୟୋଜକ କମିଟି ନିଜକୁ ମୁକୁଳେଇ ପାରି ନାହାଁନ୍ତି। ପ୍ରଶାସନର ନିର୍ଦେଶ ସ□ କେବଳ ଅବ୍ୟବସ୍ଥାକୁ ନେଇ ୫୦ହଜାର ଜୋରିମାନା ଦେଇଥିବା ବେଳେ ମହୋତ୍ସବ ଉଦଯାପନ ହେବାର ଆଜକୁ ପ୍ରାୟ ୧୫ଦିନ ବିତି ଯାଇଥିଲେ ସୁଦ୍ଧା ହାବେଳୀ ପଡ଼ିଆରୁ ଅଦ୍ୟାବଧି ଆବର୍ଜ୍ଜନା ସମ୍ପୂର୍ଣ୍ଣ ରୂପେ ସଫା ହୋଇ ପାରିନାହିଁ ଏବଂ ପଡ଼ିଆ ସଲଗ୍ନ ହାତୀ ପୋଖରୀ ଭିତରେ ହାଇୱା ଗାଡ଼ିରେ ପକେଇ ଥିବା ୭୨ ଟ୍ରିପ ମୋରମକୁ ଖାଲି କରିନାହିଁ ମହୋତ୍ସବ କମିଟି। ପ୍ରଶାସନିକ ନିର୍ଦ୍ଦେଶକୁ ବେଖାତିର କରି ଚୁପ ବସି ରହିଛନ୍ତି ଆୟୋଜକ କମିଟି।ପ୍ରକାଶ ଥାଉ କି, ଆୟୋଜକ କମିଟି ମହୋତ୍ସବ ଆୟୋଜନ ନାମରେ ପାଖରେ ଥିବା ଏକ ଜଳାଶୟ ପୋତି ସେଠାରେ ମିନାବଜାର ପକେଇଥା ଦେଖିବାକୁ ମିଳିଥିଲା। ଯାହାକି ସମ୍ପୂର୍ଣ୍ଣ ରୂପେ ବେଆଇନ ବୋଲି ଜଣା ପଡିଛ। ମହୋତ୍ସବ କମିଟିକୁ ଜଝାରସିଂହ ମୌଜାର ୨୩୯୭, ୨୩୯୮ ଏଂ ୨୬୮୯ ପ୍ଲଟ ଉପରେ କାର୍ଯ୍ୟକ୍ରମ ଆୟୋଜିତ କରିବାକୁ ଅନୁମତି ଦିଆଯାଇଥିବା ବେଳେ କମିଟି ଆୟୋଜକ ପାଖରେ ଥିବା ୨୬୮୬ ପ୍ଲଟ, ଯାହାକି ପୋଖରୀ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଅଛି, ବିନା କୌଣସି ସରକାରୀ ଅନୁମତିରେ ଉକ୍ତ ପ୍ଲଟକୁ ମୋରମ ପକାଇ ପୋତିବା ସହିତ ସେଠାରେ ରାମଦୋଳି, ମୌ କା କୁଆଁ ସମେତ ଅନେକ ଖେଳ ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଆଣିବା ସହିତ ତୁରନ୍ତ ୧୫୨ ବି.ଏନ.ଏସ.ଏସ ଲାଗୁ କରିବାକୁ ପିଟିସନ ଦାଖଲ କରିଥଲେ। ଉପ-ଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ ଚିଠି ସଂଖ୍ୟା ୮୫୬୧ରେ ଖୋର୍ଦ୍ଧା ତହସିଲଦାରଙ୍କୁ ବିବାଦୀୟ ଜମିର ସ୍ୱତଃ ଯାଞ୍ଚ ସହିତ ମହୋତ୍ସବ କମିଟି ନାମରେ ଆସିଥିବା ଅଭିଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବାକୁ ନିର୍ଦେଶ ଦେଇଥିବା ବେଳେ ଆୟୋଜକ କମିଟିକୁ ଜୋରିମାନା ସ୍ୱରୂପ ୫୦ହଜାର ଟଙ୍କା ପୈଠ ବ୍ୟତୀତ ଜଳାଶୟରେ ପକାଇଥିବା ମୋରମକୁ ଉଠିଇବା ପାଇଁ ନିର୍ଦେଶ ଦେଇଥିଲେ। ତେବେ ପ୍ରଶାସନିକ ନିର୍ଦ୍ଦେଶକୁ ବେଖାତିର କରି ମହୋତ୍ସବ କମିଟି ସମ୍ପାଦକ ଶ୍ରୀ ନରେନ୍ଦ୍ର ପୃଷ୍ଟି ଚୁପ ବସିଥିବା ବେଳେ ଖୋର୍ଦ୍ଧାରେ ଆୟୋଜିତ ଗଣତନ୍ତ୍ର ଦିବସ ପ୍ୟାରେଡ଼ ପ୍ରସଙ୍ଗକୁ ନେଇ ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥବା ବେଳେ ହଟହଟା ହେବାକୁ ପଡିଥିବା ଜଣାପଡ଼ିଛି। ଶ୍ରୀ ପୃଷ୍ଟି ଦାବୀପତ୍ର ଦେବା ସମୟରେ ଜିଲ୍ଲାପାଳ ଶ୍ରୀ ରାଣା ତୁରନ୍ତ ପୂର୍ବବର୍ଷ ଏବଂ ଚଳିତ ବର୍ଷ ପୋଖରୀ ମଧ୍ୟରେ ପକାଇଥିବା ସମସ୍ତ ମୋରମ ଆସନ୍ତା ଦୁଇଦିନ ଭିତରେ ଉଠାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ଉପ ଜିଲ୍ଲାପାଳଙ୍କୁ ଘଟଣା ଉପରେ ନଜର ରଖିବାକୁ କହିବା ସହିତ ଦୁଇଦିନ ପରେ ଜିଲ୍ଲାପାଳ ନିଜେ ଘଟଣା ସ୍ଥଳକୁ ଯାଇ ଯାଞ୍ଚ କରିବେ ବୋଲି କହିଛନ୍ତି। ତେବେ ଶ୍ରୀ ପୃଷ୍ଟି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କେତେଦୂର ପାଳନ କରି ପୋଖରୀ ଭିତରେ ପକାଇଥିବା ସମସ୍ତ ମୋରମକୁ ଉଠାଉଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ।

# ଚିଠା ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମାବଳୀ

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ଚିଠା ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମାବଳୀର ଲକ୍ଷ୍ୟ ହେଉଛି ନାଗରିକମାନଙ୍କ ବ୍ୟକ୍ତିଗତ ଡାଟାର ନିରାପତ୍ତା ସୁନିଶ୍ଚିତ କରି ସେମାନଙ୍କ ଅଧିକାରର ସୁରକ୍ଷା କରିବା। ଡିଜିଟାଲ ବ୍ୟକ୍ତିଗତ ଡାଟାର ସୁରକ୍ଷା ନିମନ୍ତେ ଏକ ଦୃଢ଼ ଫ୍ରେମୱାର୍କ ସୃଷ୍ଟି କରିବା ପାଇଁ ଭାରତର ଅଙ୍ଗୀକାର ଅନୁଯାୟୀ ଏହି ନିୟମଗୁଡ଼ିକ ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ, ୨୦୨୩ (ଡିପିଡିପି ଆକ୍ଟ)କୁ କାର୍ଯ୍ୟକାରୀ କରିବାକୁ ସରକାର ଚାହୁଁଛନ୍ତି ।

ଏହି ସରଳ ଓ ସ୍ପଷ୍ଟ ନିୟମଗୁଡ଼ିକ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ଅର୍ଥନୀତିରେ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଡିପିଡିପି ଆଇନ ଅନୁଯାୟୀ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏହି ନିୟମାବଳୀର ଲକ୍ଷ୍ୟ, ତା'ସହିତ ନିୟନ୍ତ୍ରଣ ଏବଂ ନବସୃଜନ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରିବା ମଧ୍ୟ ଏହାର ଉଦ୍ଦେଶ୍ୟ ଯାହା ଦ୍ୱାରା ଭାରତର ବଢୁଥିବା ଉଦ୍ଭାବନ ଇକୋସିଷ୍ଟମର ଲାଭ ସମସ୍ତ ନାଗରିକ ଏବଂ ଭାରତର ଡିଜିଟାଲ ଅର୍ଥନୀତିକୁ ମିଳିପାରିବ । ଏସବୁ ନିୟମ ମଧ୍ୟ ଡାଟାର ଅନଧିକୃତ ବ୍ୟବସାୟିକ ବ୍ୟବହାର, ଡିଜିଟାଲ କ୍ଷତି ଏବଂ ବ୍ୟକ୍ତିଗତ ଡାଟା ଉଲ୍ଲଂଘନ ଭଳି କେତେକ ନିର୍ଦ୍ଦିଷ୍ଟ ସମସ୍ୟାର ମଧ୍ୟ ସମାଧାନ କରିବ ।

ଏହି ନିୟମାବଳୀ ନାଗରିକଙ୍କୁ ଡାଟା ସିକ୍ୟୁରିଟି ଫ୍ରେମୱାର୍କର କେନ୍ଦ୍ରରେ ରଖିଥାଏ । ଡାଟା ଫିଡୁସିଆରି ( ଦାୟିତ୍ୱର ସହ ବ୍ୟକ୍ତିଗତ ଡାଟା ବ୍ୟବହାର ଓ ପ୍ରକ୍ରିୟାକରଣ କରୁଥିବା ବ୍ୟକ୍ତି ବା ସଂସ୍ଥା) ମାନେ ସ୍ପଷ୍ଟ ଓ ସୁଲଭ ସୂଚନା ଉପଲବ୍ଧ କରିବା ଉଚିତ ଯେ କିପରି ସୂଚୀତ ଅନୁମତି ସହ ବ୍ୟକ୍ତିଗତ ଡାଟାର ପ୍ରକ୍ରିୟାକରଣ କରାଯାଉଛି । ଏସବୁ ନିୟମରେ ନାଗରିକମାନଙ୍କୁ କେତେକ ଅଧିକାର ସହ ସଶକ୍ତ କରାଯାଇଛି ଯେପରିକି ଡାଟା ଅପସାରଣ ଦାବି କରିପାରିବା, ଡିଜିଟାଲ ନୋମିନି ନିଯୁକ୍ତ କରିପାରିବା ଏବଂ ସେମାନଙ୍କ ଡାଟା ପରିଚାଳନା କରିବା ପାଇଁ ଅନୁକୂଳ ବ୍ୟବସ୍ଥା ପ୍ରାପ୍ତ କରିବା।

ଏସବୁ ନିୟମାବଳୀ ନାଗରିକମାନଙ୍କୁ ସେମାନଙ୍କ ଡାଟା ଉପରେ ଅଧିକ ନିୟନ୍ତ୍ରଣ ପ୍ରଦାନ କରି ସଶକ୍ତ କରିଥାଏ । ଡାଟା ଲିଭାଇବାର କରିବାର ଅଧିକାର ଏବଂ ଅଭିଯୋଗ ସମାଧାନର ବ୍ୟବସ୍ଥା ଯୋଗୁଁ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ଉପରେ ନାଗରିକଙ୍କ ବିଶ୍ୱାସ ବୃଦ୍ଧି ପାଇବ । ଏଥିରେ ମଧ୍ୟ ପିତାମାତା ଓ ଅଭିଭାବକମାନଙ୍କୁ ନିଜ ସନ୍ତାନମାନଙ୍କ ଅନଲାଇନ୍ ନିରାପତ୍ତା ସୁନିଶ୍ଚିତ କରିବାକୁ ଅଧିକାର ଦିଆଯାଇଛି ।

ବ୍ୟକ୍ତିଗତ ଡାଟାକୁ ସୁରକ୍ଷିତ ରଖିବା ପାଇଁ ଏହି ଭାରତୀୟ ମଡେଲଟି ଉଦ୍ଭାବନ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ମଧ୍ୟରେ ଏକ ଅନନ୍ୟ ସନ୍ତୁଳନ ରକ୍ଷା କରୁଛି । ବିଶ୍ୱରେ ଅନ୍ୟଦେଶରେ ପ୍ରଚଳିତ ପ୍ରତିବନ୍ଧକମୂଳକ ଢାଂଚାର ବିପରୀତ, ଏହି ନିୟମଗୁଡିକ ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରେ । ଅଂଶୀଦାରମାନେ ଏହାକୁ ଡାଟା ଗଭର୍ଣ୍ଣାନ୍ସ ପାଇଁ ଏକ ନୂତନ ବିଶ୍ୱସ୍ତରୀୟ ଉଦାହରଣ ଭାବରେ ଦେଖୁଛନ୍ତି । ଏହି ବ୍ୟବସ୍ଥାରେ କ୍ଷୁଦ୍ର ବ୍ୟବସାୟ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ଅନୁପାଳନ ଚାପ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନିୟମ ଅନୁପାଳନ ପାଇଁ ସବୁ ଅଂଶୀଦାରମାନଙ୍କୁ, ଏକ କ୍ଷୁଦ୍ର ଉଦ୍ୟୋଗଠାରୁ ଆରମ୍ଭ କରି ବୃହତ କର୍ପୋରେସନ ପର୍ଯ୍ୟନ୍ତ, ଯଥେଷ୍ଟ ସମୟ ପ୍ରଦାନ କରାଯିବ ଯଦ୍ୱାରା ସେମାନେ ସୁରୁଖୁରୁରେ ପରିବର୍ତ୍ତନ କରିପାରିବେ ।ଏହି ନିୟମଗୁଡିକ 'ଡିଜିଟାଲ ବାଇ ଡିଜାଇନ' ଦୃଷ୍ଟିକୋଣ ଉପରେ ଆଧାରିତ । ସହଜ ଜୀବନଯାପନ ଏବଂ ବ୍ୟବସାୟ କରିବାରେ ସହଜତା ସୁନିଶ୍ଚିତ କରିବା ପାଇଁ ସମ୍ମତି ବ୍ୟବସ୍ଥା, ଅଭିଯୋଗ ସମାଧାନ ଏବଂ ଡାଟା ସୁରକ୍ଷା ବୋର୍ଡର କାର୍ଯ୍ୟକାରିତା ଇତ୍ୟାଦିକୁ 'ମୂଳତଃ ଡିଜିଟାଲ' ରୂପେ ପରିକଳ୍ପନା କରାଯାଇଛି । ଏକ ଡିଜିଟାଲ ପ୍ଲାଟଫର୍ମ ଏବଂ ଆପ୍ ସହିତ ବୋର୍ଡ ଏକ ଡିଜିଟାଲ କାର୍ଯ୍ୟାଳୟ ଭାବରେ କାର୍ଯ୍ୟ କରିବ, ଯାହା ନାଗରିକମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଉପସ୍ଥିତିର ଆବଶ୍ୟକତା ନଥାଇ ଡିଜିଟାଲ ଭାବରେ ଯୋଗାଯୋଗ କରିବା ଏବଂ ସେମାନଙ୍କ ଅଭିଯୋଗର ସମାଧାନ କରିବାକୁ ସକ୍ଷମ କରିବ ।

ତ୍ୱରିତ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଅଭିଯୋଗର ପ୍ରକ୍ରିୟାକରଣଠାରୁ ଆରମ୍ଭ କରି ଡାଟା ଫିଡୁସିଆରିମାନଙ୍କ ସହ କଥାବାର୍ତ୍ତା କରିବା ପର୍ଯ୍ୟନ୍ତ, ସମଗ୍ର ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇଛି। ଏହା ଶାସନ ପ୍ରତି ଭାରତର ଦୂରଦର୍ଶୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ ଏବଂ ନାଗରିକ ଏବଂ ଡାଟା ଫିଡୁସିଆରିଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରେ ।

ବ୍ୟବସାୟୀମାନେ ଏକ ବ୍ୟବହାରିକ ଢାଂଚାରୁ ଉପକୃତ ହୋଇଥାନ୍ତି । ଏହି ନୂଆ ନିୟମାବଳୀ ଅନୁସାରେ ଷ୍ଟାର୍ଟଅପ ଓ ଏମଏସଏମଇଗୁଡ଼ିକ ଉପରେ କମ ଅନୁପାଳନ ବୋଝ ରହିଥିବାବେଳେ ବୃହତ ଡାଟା ଫିଡୁସିଆରିଙ୍କ ଉପରେ ଅଧିକ ଅନୁପାଳନ ଦାୟିତ୍ୱ ରହିବ ।ଡାଟା ପ୍ରୋଟେକ୍ସନ ବୋର୍ଡର ଡିଜିଟାଲ ଅଫିସ ବ୍ୟବସ୍ଥା ଅଭିଯୋଗର ତ୍ୱରିତ ଏବଂ ସ୍ୱଚ୍ଛ ସମାଧାନ ସୁନିଶ୍ଚିତ କରିବ । ଖିଲାପ ପାଇଁ ଜରିମାନା ଆଦାୟ କରିବା ସମୟରେ, ବୋର୍ଡ ଖିଲାପର ପ୍ରକୃତି ଏବଂ ଗମ୍ଭୀରତା, ପ୍ରଭାବକୁ କମ୍ କରିବା ପାଇଁ କରାଯାଇଥିବା ପ୍ରୟାସ ଇତ୍ୟାଦି ବିଷୟ ଉପରେ ବିଚାର କରିବା ଆବଶ୍ୟକ । ଏହାବ୍ୟତୀତ, କାର୍ଯ୍ୟାନୁଷ୍ଠାନର ଯେକୌଣସି ପର୍ଯ୍ୟାୟରେ ଡାଟା ବ୍ୟବହାରକାରୀମାନେ ସ୍ୱେଚ୍ଛାକୃତ ଭାବରେ ଏକ ପ୍ରତିଶ୍ରୁତି ଦେଇପାରିବେ, ଯାହାକୁ ବୋର୍ଡ ଗ୍ରହଣ କଲେ ଅଭିଯୋଗ ପ୍ରତ୍ୟାହାର କରାଯାଇପାରିବ। ଏହା ନାଗରିକଙ୍କ ଅଧିକାରର ସୁରକ୍ଷାର ଆବଶ୍ୟକତାକୁ ସନ୍ତୁଳିତ କରେ ଏବଂ ବ୍ୟକ୍ତିଗତ ଡାଟା ପ୍ରକ୍ରିୟାକରଣ କରୁଥିବା ଲୋକଙ୍କ ପାଇଁ ଏକ ନିରପେକ୍ଷ ନ୍ୟାୟିକ ଢାଂଚା ପ୍ରଦାନ କରେ । ଆହୁରି ମଧ୍ୟ, ବୃହତ ଡାଟା ଫିଡୁସିଆରିମାନଙ୍କ ପାଇଁ, ବାର୍ଷିକ ଡାଟା ସୁରକ୍ଷା ପ୍ରଭାବ ଆକଳନ ଏବଂ ଅଡିଟ୍ ବ୍ୟବସ୍ଥା ଅନୁପାଳନକୁ ସୁରକ୍ଷିତ କରିବା ପାଇଁ ଏକ ପ୍ରଭାବଶାଳୀ ବ୍ୟବସ୍ଥା ସୁନିଶ୍ଚିତ କରେ ।

ଏହି ଚିଠା ନିୟମାବଳୀ ବିଭିନ୍ନ ପକ୍ଷଙ୍କଠାରୁ ସଂଗ୍ରହ କରାଯାଇଥିବା ସୂଚନା ଓ ବିଶ୍ୱର ଅନ୍ୟସ୍ଥାନରେ ଲାଗୁ ସର୍ବୋତ୍ତମ ବ୍ୟବସ୍ଥାର ଅଧ୍ୟୟନ ଭିତ୍ତିରେ ପ୍ରସ୍ତୁତ କରାଯାଇଛି । ଏହା ମଧ୍ୟ ଡିପିଡିପି ଆଇନରେ ଥିବା ନୀତି ଉପରେ ଆଧାରିତ । ଆଇନ ପ୍ରଣୟନରେ ଏକ ସମାବେଶୀ ଆଭିମୁଖ୍ୟ ଗ୍ରହଣ କରିବାକୁ ସରକାରଙ୍କ ପ୍ରତିବଦ୍ଧତାକୁ ପାଳନ କରି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏହି ଚିଠା ନିୟମବଳୀ ଉପରେ ଜନସାଧାରଣଙ୍କ ମତାମତ ଆହ୍ୱାନ କରୁଛନ୍ତି । ଜନସାଧାରଣ ଏବଂ ଅଂଶୀଦାରମାନେ ମାଇଗଭ ପ୍ଲାଟଫର୍ମ ମାଧ୍ୟମରେ ୧୮.୦୨.୨୦୨୫ ସୁଦ୍ଧା ମତାମତ / ମତାମତ ପ୍ରଦାନ କରିପାରିବେ ।

## ଇସ୍କନ ମନ୍ଦିରରେ ସ୍କାମ

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ଇସ୍କନ ମନ୍ଦିରରେ ଦୁର୍ନୀତି ସାମ୍ନାକୁ ଆସିଛି। ରସିଦ ଦାନ ସ୍କାମ ଘଟଣା ଦାନ ଟଙ୍କା ନେଇ ଛୁ' ମାରିଛନ୍ତି କର୍ମଚାରୀ। ଉତ୍ତରପ୍ରଦେଶ ମଥୁରା ଜିଲ୍ଲାର ବୃନ୍ଦାବନରେ ସ୍ଥିତ ଇସ୍କନ ମନ୍ଦିରରୁ ସାମ୍ନାକୁ ଆସିଛି ଏଭଳି ଚକିତ କଲା ଭଳି ଘଟଣା।

ସୂଚନା ମୁତାବକ, ଶ୍ରଦ୍ଧାଳୁଙ୍କୁ ସଦସ୍ୟ ଗ୍ରହଣ କରାଇବା ଏବଂ ଦାନ ନେବା ପାଇଁ ମନ୍ଦିର ପରିଚାଳନା ମୁରଲୀଧର ଦାସଙ୍କୁ ୩୨ ରସିଦ ପୁସ୍ତକ ଦେଇଥିଲା। ଏହି ରସିଦ ବହି ମାଧ୍ୟମରେ ମୁରଲୀଧର ଦାସ ଭକ୍ତଙ୍କଠାରୁ ଦାନ ନେଇଥିଲେ। ଦାନ କରିଥିବା ଟଙ୍କା ସଂଗ୍ରହ କରି ସମୟ ସମୟରେ ମନ୍ଦିର ପ୍ରଶାସନରେ ଜମା କରିବା ମୁରଲିଧର ଦାସଙ୍କ କାମ ଥିଲା ତେବେ ମନ୍ଦିରର ସଦସ୍ୟତା ବିଭାଗରେ ପୋଷ୍ଟ ହୋଇଥିବା ମୁରଲୀଧର ଦାସ, ଭକ୍ତଙ୍କ ଦ୍ୱାରା ଦିଆଯାଇଥିବା ଦାନକୁ ଅପବ୍ୟବହାର କରି ରସିଦ ପୁସ୍ତକ ସହିତ ଫେରାର ଥିବା ଅଭିଯୋଗ ହୋଇଛି। ସିଟି ଅରବିନ୍ଦ ସିଂହ କହିଛନ୍ତି ଯେ ଏଠାରେ ଏକ ସଦସ୍ୟତା ବିଭାଗ ଅଛି, ଯେଉଁଥିରେ ଲୋକମାନେ ସଦସ୍ୟତା ଗ୍ରହଣ କରିବା ପରେ ଦାନ କରନ୍ତି ସେହି ବିଭାଗରେ କାର୍ଯ୍ୟ କରୁଥିବା ମୁରଲୀଧର ଦାସ ସେହି ଦାନ ଟଙ୍କାର ହିସାବ ଦେଇନାହାନ୍ତି କେବଳ ସେତିକି ନୁହେଁ ସେ ଉକ୍ତ ରସିଦଗୁଡିକୁ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

## କୁମ୍ଭମେଳାକୁ ଉଡ଼ାଇଦେବାକୁ ଧମକ

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ଆଉ ଦିନ କେଇଟା ପରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହେବ କୁମ୍ଭମେଳା ତେବେ ଏବେ ଠାରୁ ହିଁ ଏଠାରେ ଶ୍ରଦ୍ଧାଳୁ ଓ ବିଭିନ୍ନ କୋଣ ଅନୁକୋଣରୁ ବାବାମାନେ ଆସି ଡେରା ପକାଇ ସାରିଲେଣି କୁମ୍ଭମେଳାକୁ ନେଇ ପ୍ରୟାଗରାଜରେ ବ୍ୟାପକ ପ୍ରସ୍ତୁତି ଚାଲିଛି ।ଏହାରି ଭିତରେ ନିକଟରେ କୁମ୍ଭମେଳାକୁ ବୋମାରେ ଉଡ଼ାଇ ଦେବାକୁ ଜଣେ ଯୁବକ ଧମକ ଦେଇଥିଲେ। ଏହକୁ ନେଇ ଆତଙ୍କ ଖେଳି ଯାଇଥିଲା ଏବେ ଉକ୍ତ ଧମକ ଦେଇଥିବା ଯୁବକଙ୍କୁ ପୁଲିସ ବିହାରରୁ ଗିରଫ କରିଛି।

ଗିରଫ ଯୁବକ ଜଣକ ହେଲେ ବିହାର ପୂର୍ଣ୍ଣିଆର ଆୟୁଷ କୁମାର ଜୟସୱାଲ ଡିସେମ୍ବର ୩୧ ତାରିଖରେ ଆୟୁଷ ନାସିର ପଠାନ୍ ନାଁରେ ସୋଶାଲ ମିଡିଆରେ କୁମ୍ଭମେଳାକୁ ବୋମାରେ ଉଡାଇ ଦେବାକୁ ଧମକ ଦେଇଥିଲେ। ଏହାପର ଠାରୁ ୟୁପି ପୁଲିସ ଧମକ ଦେଇଥିବା ବ୍ୟକ୍ତିକୁ ଗିରଫ କରିବା ପାଇଁ ଚେଷ୍ଟା ଚଳାଇଥିଲା ।ତେବେ ଶନିବାର ୟୁପି ପୁଲିସ ଭବାନୀପୁର ପୁଲିସର ସହାୟତାରେ ସହିଦଗଞ୍ଜ ପଞ୍ଚାୟତର ୱାର୍ଡ-୪ରେ ଚଢ଼ାଉ କରି ଆୟୁଷ କୁମାରଙ୍କୁ ଗିରଫ କରିଥିଲା। ଭବାନୀପୁର ଥାନା ଅଧ୍ୟକ୍ଷଙ୍କ କହିବା ମୁତାବକ ଆୟୁଷ କୁମାର ସହିଦଗଞ୍ଜ ପଞ୍ଚାୟତର ବାସିନ୍ଦା ସେ ବେଶ୍ ସାର୍ଟି ସେ ଧମକ ଦେବା ପରେ ନେପାଳ ଚାଲି ଯାଇଥିଲା ।ତେବେ କିଛି ଦିନ ତଳେ ହିଁ ସେ ନିଜ ଘରକୁ ଫେରିଥିଲା ଏହି ସୂଚନା ମିଳିବା ପରେ ୟୁପି ପୁଲିସ୍ ଚଢ଼ାଉ କରି ତାକୁ ଗିରଫ କରିଛି। ଆୟୁଷ ବିରୋଧରେ ପୁଲିସ ଭିନ୍ନ ଭିନ୍ନ ମାମଲା ରୁଜୁ କରି ତଦନ୍ତ ଜାରି ରହିଖିଛି ତାଙ୍କର କେତୋଟି ସୋଶାଲ ମିଡିଆ। ଆକାଉଣ୍ଟ ରହିଛି ସେ ନା ଆଉ କିଏ ଏହାକୁ ଚଳାଉଥିଲେ ତାହା ନେଇ ମଧ୍ୟ ତଦନ୍ତ ଜାରି ରଖିଛି ଆୟୁଷ ସହ ନେପାଳ ଆଉ କିଏ ଯାଇଥିଲା ନେପାଳରେ ସେ କାହା କାହା ସହ ମିଶି ଥିଲା ତା'ର ମଧ୍ୟ ଯାଞ୍ଚ କରୁଛି ପୁଲିସ।

## ଖାଇକୁ ଖସିଲା ବୋଲେରୋ, ୪ ମୃତ

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ଖାଇକୁ ଖସିଲା ବୋଲେରୋ ଘଟଣାସ୍ଥଳରେ ହିଁ ଆଖିବୁଜିଲେ ୪ ଜଣ ଜମ୍ମୁ-କଶ୍ମୀରର କିସ୍ତିବାଡା ସ୍ଥିତ ପଦ୍ଦାରରେ ଘଟିଛି। ଏଭଳି କିଛି ଦୁର୍ଘଟଣା ବୋଲେରୋରେ ମୋଟ ୬ ଜଣ ଥିଲେ। ସୂଚନା ମୁତାବକ, ବୋଲେରୋରେ



ଯାତ୍ରା କରୁଥିବା ଲୋକମାନେ ପଦ୍ଦାରରୁ ମାସୁ ଗାଁ ଅଭିମୁଖେ ଯାଉଥିଲେ। ଏହି ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇ ଥିଲେ। ଫଳରେ କାରଟି ଖାଇକୁ ଖସି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ନିଖୋଜ ଅଛନ୍ତି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସେହିପରି ନିଖୋଜ ଦୁଇ ଜଣଙ୍କ ସନ୍ଧାନ ଜାରି ରହିଛି କାର୍‌ଟି ଯେଉଁଠି ଖସି ପଡିଥିଲା ସେଠାରେ ଏକ ନଦୀ ଥିବାରୁ ଦୁଇ ଜଣ ପାଣିରେ ଭାସି ଯାଇଥିବା ସନ୍ଦେହ କରାଯାଉଛି। ସେପଟେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତ। ଏଥିସହ ସମସ୍ତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଜମ୍ମୁ-କଶ୍ମୀର ବାନ୍ଦିପୋରା ଜିଲ୍ଲାରେ ସେନାର ଏକ ଟ୍ରକ୍ ଖାଇକୁ ଖସିପଡିଥିଲା। ଏହି ଦୁର୍ଘଟଣାରେ ୪ ଜଣ ସୈନିକଙ୍କର ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଆହତ ହୋଇଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତ ସୈନିକମାନଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଗାଡିରେ ମାତ୍ର ୬ ଜଣ ସୈନିକ ନିକ ଥିଲେ।

## ବିଜେପି ନେତାଙ୍କ ବିବାଦୀୟ ବୟାନ

### ନିର୍ବାଚନରେ ଜିତିଲେ ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ଭଳି ରାସ୍ତା କରିଦେବି

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ରହିଛି। ଆପ୍-କଂଗ୍ରେସ ପରେ ଭାଜପା ମଧ୍ୟ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏହାକୁ ନେଇ ପ୍ରତ୍ୟେହ ରାଜନୈତିକ ବୟାନବାଜି ଦେଖିବାକୁ ମିଳୁଛି। ଭାଜପା ନେତା ତଥା କାଳକାଜୀ ବିଧାନସଭା ଆସନରୁ ପ୍ରାର୍ଥୀ ଥିବା ରମେଶ ବିଧୁରୀ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀଙ୍କୁ ନେଇ ବିବାଦୀୟ ବୟାନ ଦେଇଛନ୍ତି। ନିର୍ବାଚନରେ ବିଜେତା ହେଲେ ସେ କାଲକାଜୀର ରାସ୍ତାଗୁଡ଼ିକୁ ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ଭଳି କରିଦେବେ ବୋଲି କହିଛନ୍ତି।



କଂଗ୍ରେସ ନେତା ପୱନ ଖେଡା ଏକ୍ସରେ ଭିଡିଓଟିକୁ ଶେୟାର କରିଛନ୍ତି ଏଥିରେ ବିଧୁଡ଼ି କହୁଛନ୍ତି ଯେ, ଲାଲୁ କହିଥିଲେ ଯେ ବିହାରରେ ରାସ୍ତାଗୁଡ଼ିକ ହେମା ମାଳିନୀଙ୍କ ଭଳି କରିଦେବି। ହେଲେ ସେ ମିଛ କହିଥିଲେ। ସେ ତାହା କରିପାରି ନ ଥିଲେ। ମୁଁ କିନ୍ତୁ କହିବାକୁ ଚାହିଁବି ଯେ ଯେଉଁଭଳି ଓଖଲାର ରାସ୍ତାକୁ କରିଛୁ, ସଂଗମ ବିହାରର ରାସ୍ତାକୁ କରିଛୁ, ସେହିଭଳି କାଲକାଜିରେ ସମସ୍ତ ରାସ୍ତାଗୁଡ଼ିକୁ ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ଭଳି କରିଦେବି।

ବିଧୁରୀଙ୍କ ଏହି ବିବାଦୀୟ ବୟାନ ପରେ କଂଗ୍ରେସ ଭାଜପାକୁ ଟାର୍ଗେଟ କରୁଛି ନିଜର ଅସନ୍ତୋଷ ବ୍ୟକ୍ତ କରି ପୱନ ଲେଖିଛନ୍ତି ଯେ, ଏଭଳି ଅସଦାଚରଣ କେବଳ ଏହି ଘୃଣ୍ୟ ବ୍ୟକ୍ତି ହିଁ ପ୍ରଦର୍ଶନ କରିପାରିବେ। ଏହା ତାଙ୍କ ମାଲିକଙ୍କ ଅସଲ ମୁଖା ଦର୍ଶାଉଛି ବୋଲି ସେ କହିଛନ୍ତି। କହିରଖୁଛୁ, ଭାଜପା ଶନିବାର ୨୯ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି ।ଏଥିରେ କାଲକାଜୀ ଆସନରୁ ଆତିଶୀଙ୍କ ବିରୋଧରେ ରମେଶଙ୍କୁ ଟିକେଟ ମିଳିଛି ।ଏହି ଆସନରେ କଂଗ୍ରେସ ଅଲକା ଲାମ୍ବାଙ୍କୁ ଟିକେଟ ଦେଇଛି।

## ଇଛାମତୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**କୋଲକାତା,୬।୧(ଏଜେନ୍ସି):** କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏଠାରେ ଗୋଟିଏ ମାର୍ଗ ବିଶିଷ୍ଟ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯାତାୟତକାରୀଙ୍କ ପାଇଁ ନିରାପଦ ଗମନାଗମନ ସୁନିଶ୍ଚିତ କରିବା ଏବଂ ପ୍ରତିବନ୍ଧକଶୂନ୍ୟ ନଦୀ ପାରହେବାକୁ ସୁଗମ କରିବା ନିମନ୍ତେ ଏହି ନୂତନ ଆରସିସି ସେତୁ ଡିଜାଇନ କରାଯାଇଛି, ଯାହା ଆଞ୍ଚଳିକ ବିକାଶ ଏବଂ ସଂଯୋଗୀକରଣ ଲକ୍ଷ୍ୟସମୂହକୁ ସମର୍ଥନ କରୁଛି। ନୂଆ ଆରସିସି ସେତୁ ଯାତ୍ରୀମାନଙ୍କର ନିରାପଦ ଗମନାଗମନ ଏବଂ ୨ ଟନ୍ କ୍ଷମତା ପର୍ଯ୍ୟନ୍ତ ସାମଗ୍ରୀ ପରିବହନକୁ ସମର୍ଥନ କରିବ। ଏହି ନୂତନ ସବୁଦିନିଆ ସେତୁର ଦୈର୍ଘ୍ୟ ୬୪ ମିଟର ହେବ ଏବଂ ଏଥିସହିତ ଉଭୟ ପାର୍ଶ୍ୱରେ ୧୨୦ ମିଟର ସଂଯୋଗକାରୀ ରାସ୍ତା ରହିବ, ଯାହା ପ୍ରାୟ ୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ସଂଯୋଗୀକରଣ ଏବଂ ନିରାପତ୍ତାରେ ଉନ୍ନତି ଆଣିବା ପଦକ୍ଷେପର ଅଂଶଭାବରେ ସ୍ୱରୂପନଗରରେ ସମ୍ପ୍ରତି ରହିଥିବା ବାଉଁଶ ପୋଲ, ଯାହା ଇଛାମତୀ ନଦୀ ଉପରେ ରହିଛି, ତାହା ସ୍ଥାନରେ ଆର୍‌ସିସି ସେତୁ ନିର୍ମାଣ କରାଯିବ। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ (ଏମଓପିଏସଡବ୍ଲ୍ୟୁ) ଅଧୀନରେ ଭାରତର ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଦେଶରେ ଅନ୍ତର୍ଦେଶୀୟ ଜଳପଥ ବିକାଶ ନିମନ୍ତେ ନୋଡାଲ ଏଜେନ୍ସି ଭାବରେ ଗୋଟିଏ ଲେନ୍ ବିଶିଷ୍ଟ ସେତୁ ୧୬ କୋଟି ଟଙ୍କାରୁ ଅଧିକ ଅର୍ଥ ବିନିଯୋଗରେ ନିର୍ମାଣ କରୁଛି।

ଏହି ଅବସରରେ ପ୍ରକାଶକରି କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର କହିଥିଲେ, "ଆଜି ଆମେ ସ୍ୱରୂପ ନଗରଠାରେ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଏହା ଏକ ଐତିହାସିକ କ୍ଷଣ ହୋଇଛି, ଏହା ଏହି ଅଞ୍ଚଳର ଜନସାଧାରଣଙ୍କର ଏକ ବହୁ ପ୍ରତୀକ୍ଷିତ ଇଚ୍ଛା ରହିଥିଲା। ଏହା କେବଳ ଗମନାଗମନକୁ ସହଜ କରିବ ନାହିଁ, ତାହାସହିତ ଏହି ଅଞ୍ଚଳର ମୂଲ୍ୟଗତ ଦିଗକୁ ନୂତନ ଦିଗନ୍ତ ଦେବ। ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ପ୍ରଗତିଶୀଳ ନେତୃତ୍ୱ ଅଧୀନରେ ଆମ ସରକାର ଇଛାମତୀ ନଦୀ ଭଳି ଜାତୀୟ ଜଳପଥ ୪୪ର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡିକରେ ଖନନ ସହିତ ନୌଚାଳନାରେ ଉନ୍ନତି ଆଣିବାକୁ ଏକାଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଆମେ ମୋଦୀ ଜୀଙ୍କର ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଭିତ୍ତିଭୂମିର ବିକାଶ ଏବଂ ପଶ୍ଚିମବଙ୍ଗର ସମୃଦ୍ଧ ଜଳପଥ ନେଟୱର୍କକୁ ସଶକ୍ତ କରିବା ପାଇଁ ଦୃଢ ଭାବରେ ପ୍ରତିବଦ୍ଧ ରହିଛୁ।" ଏନଡବ୍ଲ୍ୟୁ ୪୪ର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡିକରେ ନୌଚାଳନାରେ ବୃଦ୍ଧି ଘଟାଇବାକୁ ଆଇଡବ୍ଲ୍ୟୁଏଆଇ ଉଲ୍ଲେଖଯୋଗ୍ୟ ପଦକ୍ଷେପ ହାତକୁ ନେଇଛି। ଏହି ପ୍ରୟାସର ଅଂଶ ଭାବରେ ତେନ୍ତୁଳିଆ (ସିଏଚ୍ ୪୦ କିଲୋମିଟର)ରୁ କଲାଞ୍ଚି (ସିଏଚ୍ ୬୩.୩୮ କିଲୋମିଟର) ପର୍ଯ୍ୟନ୍ତ ଜଳକୃମି, ଗୁଳ୍ମ ଏବଂ ପ୍ଲାଷ୍ଟିକ ତଥା ଅଣ-ପ୍ଲାଷ୍ଟିକ ଆବର୍ଜନା ସହିତ ବର୍ଜ୍ୟବସ୍ତୁ, ଏବଂ ତାହାସହିତ ନଦୀଗର୍ଭକୁ ଫିଙ୍ଗାଯାଉଥିବା ପ୍ରାକୃତିକ ଓ କୃତ୍ରିମ ପଦାର୍ଥଗୁଡିକ ପରିଷ୍କାର କରାଯାଇଛି। ସ୍ଥିରୀକୃତ ୧.୫ ମିଟର ନୌଚାଳନା ଗଭୀରତା ହାସଲ କରିବା (୧.୨ ମିଟର ସହିତ ୦.୩ ମିଟର ସୀମା) ଏବଂ ନଦୀରେ ଜୁଆର ପ୍ରଭାବରେ ବୃଦ୍ଧି ଘଟାଇବାକୁ ଲକ୍ଷ୍ୟ ରହିଛି। ଏନଡବ୍ଲ୍ୟୁ ୪୪ର ବାଂଶଝରୀ, ମଲ୍ଲିକପୁର ଠାରୁ ବଶିରହାଟ ସେତୁ ଅଂଶ ପର୍ଯ୍ୟନ୍ତ ସ୍ଥାନରେ ନୌଚାଳନା ସହାୟତା ପଦକ୍ଷେପ ମଧ୍ୟ କାର୍ଯ୍ୟକାରୀ କରାଯାଉଛି।

ଶାନ୍ତନୁ ଠାକୁର ପୁନଶ୍ଚ କହିଥିଲେ, "ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧୀନରେ ଆମ ସରକାର ଦେଶର ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ସୁସଂହତ, ଅର୍ଥ ସଞ୍ଚୟକାରୀ ଏବଂ ପରିବେଶଗତ ଦୃଷ୍ଟିରୁ ନିରାପଦ ମାଧ୍ୟମ ଭାବରେ ଜଳପଥଗୁଡିକୁ ପୁନଃଶକ୍ତି ସମ୍ପନ୍ନ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୧୪ଠାରୁ ସମ୍ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ମାର୍ଗଦର୍ଶନ ଅଧୀନରେ ଜାତୀୟ ଜଳପଥଗୁଡିକରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ଏବଂ ୨୦୧୪ରେ ତାହା ମାତ୍ର ୧୮ ନିୟୁତ ଟନ୍ ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷରେ ୧୩୩ ନିୟୁତ ଟନ୍‌କୁ ବୃଦ୍ଧିପାଇଛି। ସାଗରମାଳା କାର୍ଯ୍ୟକ୍ରମ ସହିତ ପିଏମ୍ ଗତି ଶକ୍ତି ଜାତୀୟ ମାଷ୍ଟର ଯୋଜନା ଅନ୍ୟ ଏକ ବୈପ୍ଳବିକ ପ୍ରୟାସ ହୋଇଛି, ଯାହା ଆମର ଭିତ୍ତିଭୂମିର ଆଧୁନିକିକରଣ ଓ ଯାନ୍ତ୍ରିକୀକରଣ କରି ଦେଶର ଲଜିଷ୍ଟିକ୍ସ କ୍ଷେତ୍ରକୁ ସୁରୁଖୁରୁରେ ପରିଚାଳିତ କରିବାକୁ ଯାଉଛି।

## ବାଂଲାଦେଶରେ ପ୍ରବଳ ଘନକୁହୁଡ଼ି

**ଢାକା,୬।୧(ଏଜେନ୍ସି):** ବାଂଲାଦେଶରେ ଘନ କୁହୁଡି ନଦୀ ଜଳପଥରେ ବ୍ରେକ ଲଗାଇଛି ।ଦୃଶ୍ୟମାନତା ହ୍ରାସ ଯୋଗୁଁ ପତୁରିୟା-ଦୌଲତଦିୟା ଏବଂ ଅରିଚା-କାଜୀରହାଟ ଜଳପଥରେ ଡଙ୍ଗା ସେବା ସମ୍ପୂର୍ଣ୍ଣ ନିଷେଧ ।ପାଗ ଖୋଲିବା ପର୍ଯ୍ୟନ୍ତ ଏହି ସେବା ସ୍ଥଗିତ ରହିବ ।ଢାକା ଟ୍ରିବ୍ୟୁନ ଖବର କାଗଜ ଅନୁଯାୟୀ ଖାନ ଜହାନ ଅଲୀ ବୀର ଶ୍ରେଷ୍ଠ ଜହାଙ୍ଗୀର ଏବଂ ବେଗର ଘାଟରେ ୩୦୦ରୁ ଅଧିକ ଗାଡି ନଦୀ ମଧ୍ୟରେ ଅଟକି ରହିଛି ।ଏଥି ମଧ୍ୟରୁ ଅଧିକାଂଶ ମାଲବାହୀ ଟ୍ରକ ।ସେମାନଙ୍କୁ ଚାରୋଟି ନଦୀ ଘାଟ ପାର କରି ଗନ୍ତବ୍ୟସ୍ଥଳରେ ପହଂଚିବାକୁ ପଡିବ। ବାଂଲାଦେଶ ଆଭ୍ୟନ୍ତରୀଣ ଜଳ ପରିବହନ ନିଗମର ଡେପୁଟି ଜେନେରାଲ ମ୍ୟାନେଜର ନାସିର ଚୌଧୁରୀ କହିଛନ୍ତି ଯେ ଅରିଚା -କାଜିରହାଟ ଜଳପଥରେ ସୂର୍ଯ୍ୟାସ୍ତ ପରେ କୁହୁଡିର ତୀବ୍ରତା ବୃଦ୍ଧି ପାଇବାରେ ଲାଗିଛି। ରାତି ୧୧ଟା ୩୦ ସମୟରେ କୁହୁଡି ଏତେ ଘନ ହୋଇଗଲା ଯେ ଏହା ସମଗ୍ର ଜଳପଥକୁ ଆଚ୍ଛାଦନ କରିଦେଇଥିଲା ।ତେଣୁ ଡଙ୍ଗା ସେବାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେବାକୁ ପଡିଲା ।ଯାତ୍ରୀ ଏବଂ ଯାନବାହନକୁ ନେଇ ଯାଉଥିବା ଖାନ ଜହାନ ଅଲୀ ରୋ-ରୋ ନୌକା ମଧ୍ୟରେ ନଦୀରେ ଅଟକି ରହିଥିଲା ।ଅନ୍ୟ ତିନି ଘାଟ-ଚିତ୍ରା,କୃଷ୍ଣୀ ଏବଂ ଶାହ ଅଲୀ-ଅରିଚା ଟର୍ମିନାଲରେ ଗାଡି ଅଟକି ରହିଛି ।ରାତି ପ୍ରାୟ ଗୋଟାଏ ସମୟରେ ଘନ କୁହୁଡି କାରଣରୁ ପତୁରିୟା -ଦୌଲତଡିୟା ଜଳପଥ ମଧ୍ୟ ବନ୍ଦ ରହିଥିଲା।

## ପାକିସ୍ତାନରେ ବିସ୍ଫୋରଣ, ୪ ମୃତ

**ଇସ୍ଲାମାବାଦ,୬।୧(ଏଜେନ୍ସି):** ଜାନୁଆରୀ (ହି.ସ)-ପାକିସ୍ତାନର ବେଲୁଚିସ୍ତାନର ତୁରବତ ସହରରେ ଶନିବାର ହୋଇଥିବା ବିସ୍ଫୋରଣରେ ଅତି କମରେ ଚାରିଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୨ଜଣ ଆହତ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ପାଂଚ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।ଆହତମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ତାଙ୍କ ପରିବାରର ଛଅ ସଦସ୍ୟ ମଧ୍ୟ ସାମିଲ ଅଛନ୍ତି ।ନିଷିଦ୍ଧ ବେଲୁଚିସ୍ତାନ ଲେବରେସନ ଆର୍ମୀ(ବିଏଲଏ)ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି ।ପୋଲିସ ଏହି ସୁଚନା ଦେଇଛି। ଜିଓ ନ୍ୟୁଜ ଚ୍ୟାନେଲ ଖବର ଅନୁଯାୟୀ କଏଦ ହୋଇଥିବା ଏକ ସିସିଟିଭି ଫୁଟେଜରେ ରାସ୍ତାରେ ଅନେକ ଗାଡି ଯାଉଥିବା ଏବଂ ହଠାତ ହୋଇଥିବା ବିସ୍ଫୋରଣ ପରେ ଏକ ଚଳନ୍ତା ଯାତ୍ରୀ ବାହୀ ବସରେ ନିଆଁ ଲାଗିଯାଇଥିଲା ।ପୋଲିସ କହିଛି ଯେ ବରିଷ୍ଠ ପୋଲିସ ଅଧୀକ୍ଷକ(କ୍ରାଇମବ୍ରାଂଚ)ଜୋହେବ ମୋହସିନ ଏବଂ ତାଙ୍କ ପରିବାରର ଛଅ ସଦସ୍ୟ ମଧ୍ୟ ଆହତ ହୋଇଛନ୍ତି ।ଯେତେବେଳେ ବିସ୍ଫୋରଣ ଘଟିଥିଲା ସେତେବେଳେ ମୋହସିନ ଏବଂ ତାଙ୍କ ପରିବାର ଏହି ଅଂଚଳ ଦେଇ ଯାଉଥିଲେ ।ସୁରକ୍ଷା ବାହିନୀ ଅନୁଯାୟୀ ନିଷିଦ୍ଧ ଆତଙ୍କୀ ସଂଗଠନ ବେଲୁଚିସ୍ତାନ ଲେବରେସନ ଆର୍ମୀ ଏହି ଆକ୍ରମଣ ପାଇଁ ଦାୟୀ ବୋଲି କହିଛି ।ମୃତକଙ୍କ ନାମ ନୁର ଖାନ ,ଅବ୍ଦୁଲ ୱହାବ,ଇଜାଜ ଏବଂ ଲିୟାକତ ଅଲୀ ବୋଲି ଜଣାପଡିଛି ।ସମସ୍ତ ଚାରିଜଣ ନାଗରିକ ବେଲୁଚିସ୍ତାନର ବିଭିନ୍ନ ଅଂଚଳର ବାସିନ୍ଦା ଥିଲେ ।ସୁରକ୍ଷା ସୁତ୍ରରୁ ପ୍ରକାଶ ଯେ ବିଏଲଏ ଗୋଟିଏ ବର୍ଷରେ ୧୦୦ରୁ ଅଧିକ ନିରୀହ ବଲୁଚ ନାଗରିକମାନଙ୍କୁ ହତ୍ୟା କରିଛି।

## କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ଅଧିଗ୍ରହଣ ବୃଦ୍ଧି

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ଲିମିଟେଡ, କୃଷି ଭିତ୍ତିକ ଉଦଭାବନରେ ଏକ ଅଗ୍ରଗାମୀ କମ୍ପାନୀ, କିଛି ନିର୍ଦ୍ଦିଷ୍ଟ ଏସୀୟ ରାଷ୍ଟ୍ରଗୁଡିକରେ ବିକ୍ରୟ କରିବା ପାଇଁ ବେୟର ଏଜିରୁ ସକ୍ରିୟ ଉପାଦାନ ଇଥକ୍ସିସଲଫ୍ୟୁରନ ବିଶ୍ୱସ୍ତରରେ ଅଧିଗ୍ରହଣ କରିବା ଘୋଷଣା କରିଛି। ଏହି ଅଧିଗ୍ରହଣ କ୍ରିଷ୍ଟାଲର ୧୩ତମ ଚୁକ୍ତି ଅଟେ ଏବଂ ୨୦୨୧ ପୋର୍ଟଫୋଲିଓରେ ଭାରତୀୟ କପା, ପର୍ଲ ମିଲେଟ ଓ ସୋରିଷ ବିହନ ଅଧିଗ୍ରହଣ ପରେ ବେୟର ଠାରୁ ଏହା ଦ୍ୱିତୀୟ ଅଧିଗ୍ରହଣ ଅଟେ। ଆନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି)ର ସମର୍ଥନରେ, କ୍ରିଷ୍ଟାଲ୍ କ୍ରପ୍ ହେଉଛି ଗବେଷଣା ଓ ବିକାଶ ଭିତ୍ତିକ ଶସ୍ୟରେ ହେଉଥିବା ସମସ୍ୟା ସମାଧାନ କରିବା କମ୍ପାନୀ, ଯାହା ବିଗତ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଉନ୍ନତ, କୃଷି ସମ୍ବନ୍ଧୀୟ ସମାଧାନ ଯୋଗାଇ ଆସୁଛି। କ୍ରିଷ୍ଟାଲର ଏହା ସର୍ବ ବୃହତ୍ତମ ଅଧିଗ୍ରହଣ ମଧ୍ୟରୁ ଅନ୍ୟତମ, ଯାହା ଏହାର ୨୦% ବୃଦ୍ଧି କରିବା ସହ ଧାନ ଘାସନାଶକ ବଜାରରେ ଏହାର ନେତୃ ସୁଦୃଢ କରିବ। ଏହି ଚୁକ୍ତି ବିଶ୍ୱସନୀୟ ସନରାଇସ ଟ୍ରେଡମାର୍କ ଏବଂ ଇଥକ୍ସିସଲଫ୍ୟୁରନ ରହିଥିବା ମିଶ୍ରିତ ଉତ୍ପାଦ ଓ ଅନ୍ୟାନ୍ୟ ସମସ୍ତ ରେଜିଷ୍ଟ୍ରେସନ ସହିତ ହୋଇଅଛି, ଯାହା ଉତ୍ପାଦର ବିଶ୍ୱସନୀୟତା ସ୍ଥାପିତ କରିଛି। ଇଥକ୍ସିସଲଫ୍ୟୁରନ ଧାନ ଏବଂ ଖାଦ୍ୟଶସ୍ୟ ଫସଲରେ ବଡ-ପତ୍ର ବିଶିଷ୍ଟ ଘାସ ଓ ଅନାବନା ଘାସ ଗୁଡିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବାରେ ଜଣାଶୁଣା, ଯାହା କ୍ରିଷ୍ଟାଲର ପୋର୍ଟଫୋଲିଓରେ ପ୍ରମୁଖ ଭାବେ ଅନ୍ତର୍ଭୁକ୍ତ ହୋଇଛି। ଭାରତ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆ (ଭିଏତନାମ, ବାଙ୍ଗଲାଦେଶ, ଥାଇଲ୍ୟାଣ୍ଡ ଓ ପାକିସ୍ତାନ ସମେତ)ର କୃଷକ ମାନଙ୍କୁ ସୁଲଭ-ଦରରେ ଓ ନିରନ୍ତର ସମାଧାନ ସହିତ ଯୋଗାଇବାକୁ ଉତ୍ପାଦ ଗୁଡିକର ସ୍ଥାନୀୟ ଭାବେ ଉତ୍ପାଦନ କରିବା ସକାଶେ କ୍ରିଷ୍ଟାଲର ଲକ୍ଷ୍ୟ ସହ ଏହି ଅଧିଗ୍ରହଣ ହୋଇଅଛି। ଏହି ଅଧିଗ୍ରହଣ ବିଷୟରେ ମନ୍ତବ୍ୟ ଦେଇ କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଙ୍କୁର ଅଗ୍ରାଲ କହିଛନ୍ତି ଏହି ଅଧିଗ୍ରହଣ ହେଉଛି ଏକ ନମୂନା ଯାହା ସମାଧାନ ଗୁଡିକ ସହିତ ଆମର ପୋର୍ଟଫୋଲିଓକୁ ସୁଦୃଢ କରିବାକୁ ପ୍ରାଧାନ୍ୟ ଦେଇଛି ଯାହାଦ୍ୱାରା କୃଷକ ମାନଙ୍କ ଜୀବନରେ ବାସ୍ତବିକ ଭାବେ ପରିବର୍ତ୍ତନ ଆଣିଛି। ଏହି ଚୁକ୍ତି ସହ, ଆମେ କୃଷକ ମାନଙ୍କୁ ଘାସ ପରିଚାଳନରେ ଉନ୍ନତ ସମାଧାନ ସହିତ ସଶକ୍ତ କରାଇବାରେ ଆଉ ଏକ ପାଦ ଆଗକୁ ବଢାଇଛୁ। ଆମର ଦୃଢ ବିତରଣ ନେଟାର୍କ ଏବଂ ଉତ୍ପାଦନ ଦକ୍ଷତା ଦ୍ୱାରା, ଏହି ସବୁ ସମାଧାନ ଗୁଡିକ ସମଗ୍ର ଭାରତ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆରେ କୃଷକ ମାନଙ୍କ ପାଖକୁ ପ୍ରଭାବଶାଳୀ ଭାବେ ପହଞ୍ଚିବା ଆମେ ସୁନିଶ୍ଚିତ କରିବୁ।

## ବୁର୍ଖାକୁ ନେଇ ସ୍ୱିଜରଲାଣ୍ଡରେ ନୂଆ ନିୟମ

**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ଶାନ୍ତ ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ ନୂଆ ନିୟମ । ୨୦୨୫ ମସିହାକୁ ସ୍ୱାଗତ କରିବା ସହ ଦେଶରେ ନୂଆ ନୀତି ଲାଗୁ ହୋଇଛି । ନୂଆ ଆଇନ ଅନୁସାରେ, ସବୁଠୁ ଅଧିକ ଚର୍ଚ୍ଚା ବୁର୍ଖା ବ୍ୟାନକୁ ନେଇ ହୋଇଛି । ୪ବର୍ଷ ପୂର୍ବେ ହୋଇଥିବା ଜନମତ ସଂଗ୍ରହ ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଧରା ପଡ଼ିବା ପରେ ଲକ୍ଷେ ଟଙ୍କା ଯାଏ ଜୋରିମନାର ପ୍ରାବଧାନ ରହିଛି । ଏହି ବିବାଦୀୟ ଆଇନ୍ ଲାଗୁ ହେବା କ୍ଷଣି ଦେଶ ଭିତରେ ନୁହେଁ ଇସଲାମିକ୍ ଗୋଷ୍ଠୀରେ ଚର୍ଚ୍ଚା ଆରମ୍ଭ ହୋଇ ଯାଇଥିଲା । ଉଲ୍ଲେଖନୀୟ ଯେ, ମାର୍ଚ୍ଚ ୨୦୨୧ରେ ସ୍ୱିଜରଲାଣ୍ଡ ସରକାର ବୁର୍ଖା ପିନ୍ଧିବା ଓ ନପିନ୍ଧିବାକୁ ନେଇ ଭୋଟିଂ କରାଇ ଥିଲେ । ଯେଉଁଥିରେ ବୁର୍ଖା ବ୍ୟାନର ଆଇନ୍ ପକ୍ଷରେ ୫୨ ପ୍ରତିଶତ ଲୋକ ମତଦାନ କରିଥିଲେ । ଅନ୍ୟପଟେ ଆଇନର ବିରୋଧରେ ୪୮ ପ୍ରତିଶତ ଲୋକ ମତଦାନ କରିଥିଲେ । ୪ବର୍ଷ ପୂର୍ବେ ହୋଇଥିବା ମତଦାନକୁ ଏବେ ଲାଗୁ କରାଯାଇଛି । ବୁର୍ଖା ପ୍ରତିବନ୍ଧକ ଏବେ ଦେଶରେ ନୂଆ ସାମ୍ବିଧାନିକ ଅନୁଚ୍ଛେଦର ଅଂଶ ହୋଇ ସାରିଛି । ଜୋରିମନା ଭାବେ ୧,୦୦୦ସ୍ୱିଚ୍ ଫ୍ରାଙ୍କ୍ ( ୯୪,୬୫୧,୦୬ଟଙ୍କା) ଆଦାୟ କରାଯିବ । ସରକାରଙ୍କ ଦ୍ୱାରା ଜାରି ଆଇନ ଅନୁସାରେ ,ଏହି ଧ୍ୟାନ ରଖିବାର କଥା ଯେ , ଏହି ବୁର୍ଖା ବ୍ୟାନକୁ ଫ୍ଲାଇଟ୍ ଡିପ୍ଲୋମେଟିକ୍ ଓ ବାଣିଜ୍ୟ ଦୂତାବାସ ପରିସରରେ ଲାଗୁ ହେବ ନାହିଁ । ଲୋକେ ସ୍ୱିଜରଲାଣ୍ଡରେ ପୂଜା ସ୍ଥଳୀ ବା କୌଣସି ପ୍ରକାରର ଧର୍ମନିରପେକ୍ଷ ସ୍ଥଳରେ ମଧ୍ୟ ନିଜର ମୁହଁ ଘୋଡାଇ ପାରିବେ। ସ୍ୱିସ୍‌ଇନ୍ଫୋ ଅନୁସାରେ , ବୁର୍ଖା ଉପରେ ପ୍ରତିବନ୍ଧକ ଲଗାଇବାର ପ୍ରୟାସ ଦକ୍ଷିଣପନ୍ଥୀ ସ୍ୱିସ୍ ପିପୁଲ୍ସ ପାର୍ଟି (ଏସଭିପି) ଦ୍ୱାରା ଲଗାଯାଇ ଥିଲା। ହେଲେ ପ୍ରସ୍ତାବରେ ମୁସଲମାନ ବା ଇସଲାମର କୌଣସି ଉଲ୍ଲେଖ କରାଯାଇ ନାହିଁ । ଏହା ମୁଖ୍ୟତଃ ବିରୋଧ ପ୍ରଦର୍ଶନକାରୀଙ୍କ ଦ୍ୱାରା ନିଜର ମୁହଁ ଢାଙ୍କିବା ଓ ବିରୋଧ ପ୍ରଦର୍ଶନ ବେଳେ ହିଂସା ପ୍ରସାର କରିବାରେ ଏହା କରାଯାଉଛି, କିନ୍ତୁ ଏହି ନିଷେଧାଦେଶ ଦେଶରେ ମହିଳାଙ୍କୁ ବୁର୍ଖା ପିନ୍ଧିବା ପାଇଁ ରୋକିବାର ଏକ ମାଧ୍ୟମ ଭାବେ ଦେଖାଯାଇଛି । ଯେତେବେଳେ ଏହି ପ୍ରସ୍ତାବ ଉପସ୍ଥାପିତ କରାଯାଇ ଥିଲା , ତ ସ୍ୱିସ୍ ସରକାର ଏହାର ବିରୋଧ କରିଥିଲେ । ସରକାର ଏହି ତର୍କ ଦେଇଥିଲେ ଯେ, ମହିଳାଙ୍କୁ କଣ ପିନ୍ଧିବା ଉଚିି ? ଏହା ସ୍ଥିର କରିବା ସରକାରଙ୍କ କାମ ନୁହେଁ । ଏହାପରେ ଏହି ପ୍ରସ୍ତାବ ୨୦୨୧ରେ ଜନମତ ସଂଗ୍ରହ ପାଇଁ ଯାଇଥିଲା, ଯେଉଁଠି ଲୋକେ ସାର୍ବଜନିକ ସ୍ଥାନ ଗୁଡ଼ିକରେ ମୁହଁ ଢାଙ୍କିବା ଉପରେ ପ୍ରତିବନ୍ଧନ ଲଗାଇବାର ପକ୍ଷରେ ମତଦାନ କରି ଥିଲେ ।

## ଫାଇନାଲ୍ ଖେଳିବେ ଅଷ୍ଟ୍ରେଲିଆ- ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ,୬।୧ : ସିଡ୍‌ନିରେ ଖେଳାଯାଇଥିବା ବର୍ଡର ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ। ଭାରତକୁ ୬ ୱିକେଟରେ ପରାସ୍ତ କରିଛି। ଏହି ପରାଜୟ ସହ ଟିମ୍ ଇଣ୍ଡିଆର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିବା ଆଶା ଧୂଳିସାତ ହୋଇଯାଇଛି । ୧୦ ବର୍ଷ ପରେ ବର୍ଡର ଗାଭାସ୍କର ଟ୍ରଫି ହାତେଇଥିବା ଅଷ୍ଟ୍ରେଲିଆ। ଡବ୍ଲୁଟିସି ୨୦୨୫ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ବର୍ଡର ଗାଭାସ୍କର ଟ୍ରଫିରେ ପରାଜିତ ହେବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ୍ ଦୌଡ଼ରୁ ବାଦ ପଡ଼ିଛି ଟିମ୍ ଇଣ୍ଡିଆ। ଦଳକୁ ଏହି ରେସରେ ରହିବା ପାଇଁ ସିଡନି ଟେଷ୍ଟ ଜିତିବାର ଆବଶ୍ୟକତା ଥିଲା। ହେଲେ ଭାରତ ତାହା କରିବାରେ ବିଫଳ ହୋଇଛି। ଟିମ୍ ଇଣ୍ଡିଆ ବାଦ୍ ପଡ଼ିବା ପରେ ବିଶ୍ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୩-୨୫ ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ। ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ ବୋଲି ସ୍ପଷ୍ଟ ହୋଇଯାଇଛି।

# ଦିନିକିଆ ଖେଳିବେ ରୋହିତ, ବିରାଟ : ବୁମ୍‌ରାଙ୍କୁ ବିଶ୍ରାମ



ନୂଆଦିଲ୍ଲୀ,୬।୧ : ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମାଙ୍କ ଟେଷ୍ଟ କ୍ୟାରିୟରକୁ ନେଇ ବିତର୍କ ଚାଲିଛ ସତ। କିନ୍ତୁ ଉଭୟ ଦିନିକିଆରେ ଏବେ ବି ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। କିଛି ଦିନ ତଳେ ଖବର ପ୍ରକାଶ ପାଇଥିଲା ଯେ ଚୟନକର୍ତ୍ତା ବିରାଟ ଓ ରୋହିତଙ୍କୁ ଇଂଲଣ୍ଡ ବିପକ୍ଷ ୩ ଟିକିଅ। ଦିନିକିଅ। ସିରିଜରେ ସାମିଲ କରିବେ ନାହିଁ। କିନ୍ତୁ ଏବେ ସ୍ପଷ୍ଟ ହୋଇଛି ଯେ ବିରାଟ ଓ ରୋହିତଙ୍କୁ ବିସିସିଆଇ ଦିନିକିଅ। ସିରିଜ ଖେଳିବାକୁ ପରାମର୍ଶ ଦେଇଛି।ଉଭୟଙ୍କୁ ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରେ ଚୟନ କମିଟି ସାମିଲ କରିବ ବୋଲି ଜଣାପଡ଼ିଛି।

ତେବେ ପିଠି ଯନ୍ତ୍ରଣାରେ ପଡ଼ିଥିବା ସ୍ପିଡଷ୍ଟର ଯଶପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷ ସିରିଜ ଆଦୌ ଖେଳିବେ ନାହିଁ। ସେ ସିଧାସଳଖ ଚାମ୍ପିୟନ୍ସ ଟ୍ରଫିରେ ନଜର ଆସିବେ। ତାଙ୍କ ଉପରେ ଚାପ ହ୍ରାସ କରିବା ଓ ଫିଟ ରଖିବା ଉଦ୍ଦେଶ୍ୟରେ ବିସିସିଆଇ ଏପରି ନିଷ୍ପତ୍ତି ନେଇଛି।

ଜାନୁଆରୀ ୨୨ରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ଟି-୨୦ ଓ ଦିନିକିଅ। ସିରିଜ ପୂର୍ବରୁ ଭାରତକୁ ବଡ଼ଝଟକା ଲାଗିଛି।ଦଳର ଷ୍ଟାର ବୋଲର ଯଶପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ନ ଖେଳି ପାରନ୍ତି ଆଗକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଥିବାରୁ ଭାରତୀୟ ଟିମ ମ୍ୟାନେଜମେଣ୍ଟ ବୁମ୍ରାଙ୍କୁ ଯଥା ସମ୍ଭବ ବିଶ୍ରାମ ଦେବାକୁ ଚାହୁଁଛି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍‌ରେ ବୁମରା ପିଠି ଜନିତ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ସେ ଦ୍ୱିତୀୟ ଇନିଂସରେ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ। ତାଙ୍କ ଆହତ ସମସ୍ୟା କେତେ ଗୁରୁତର, ସେକଥା ସ୍ପଷ୍ଟ ହୋଇନି। କିନ୍ତୁ ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳକୁ ଯେମିତି ବୁମ୍ରା ଫିଟ ଥିବେ, ତା ଉପରେ ବିସିସିଆଇ ଅଧିକ ଫୋକସ କରୁଛି ତେଣୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜରେ ବିଶ୍ରାମ ମିଳିପାରେ।

ନିକଟରେ ଶେଷ ହୋଇଥିବା ବିଜିଟିରେ ବୁମରା ଦମଦାର ପ୍ରଦର୍ଶନ କରିଥିଲେ ଭାରତ ୧-୩ରେ ସିରିଜ ହାରିଥିଲେ ହେଁ ବୁମ୍ରା ଏକାକୀ ୩୨ଟି ୱିକେଟ ନେଇଥିଲେ। ୩୦ ବର୍ଷୀୟ ବୁମ୍ରା ଉକ୍ତ ସିରିଜରେ ୧୫୦ରୁ ଅଧିକ ଓଭର ବୋଲିଂ କରିଛନ୍ତି।

ସିରିଜରେ ବୁମ୍ରାଙ୍କ ଉପରେ ପୂରା ଟିମ ଅଧିକ ନିର୍ଭରଶୀଳ ଥିଲା। ସେ ଲମ୍ବାଲମ୍ବା ସ୍ପେଲ ମଧ୍ୟ ବୋଲିଂ କରିଥିଲେ ଏଥିଯୋଗୁ ସେ ଶେଷ ଟେଷ୍ଟ ବେଳକୁ ପିଠି ଜନିତ ସମସ୍ୟାରେ ପଡ଼ିଥିଲେ। ହେଲେ ବିସିସିଆଇ ଓ ଟିମ ମ୍ୟାନେଜମେଣ୍ଟ ବୁମ୍ରାଙ୍କୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳକୁ ଫିଟ ଦେଖିବାକୁ ଚାହୁଁଛି। ଭାରତ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ନିଜର ଚାମ୍ପିୟନ୍ସ ଟ୍ରଫି ଅଭିଯାନ ଆରମ୍ଭ କରିବ। ଯଦି ବୁମ୍ରାଙ୍କ ଆହତ ସମସ୍ୟା ଗ୍ରେଡ ୧ ବର୍ଗରେ ରହିବ, ତାହେଲେ ତାଙ୍କୁ ଠିକ ହୋଇ ପଡ଼ିଆକୁ ଫେରିବା ପାଇଁ ପ୍ରାୟ ୨ରୁ ୩ ସପ୍ତାହ ଲାଗିବ ସମସ୍ୟା ଗ୍ରେଡ ୨ରେ ହେଲେ ୬ ସପ୍ତାହ ଓ ଗ୍ରେଡ ୩ ହୋଇଥିଲେ। ୩ରୁ ଅଧିକ ମାସ ପରେ ଜଣେ ଖେଳାଳି ମ୍ୟାଚ୍ ଖେଳି ପାରିବେ। ୨୦୨୫ ଟି-୨୦ ବିଶ୍ୱକପର ବର୍ଷ ନୁହେଁ ତେଣୁ ବୁମ୍ରା ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଖେଳିବେ ନାହିଁ। କିନ୍ତୁ ଆଗକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଥିବାରୁ ସେ ଇଂଲଣ୍ଡ ବିପକ୍ଷ ୩ଟି ଦିନିକିଆରୁ ୨ଟି ଖେଳି ପାରନ୍ତି।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଉଭୟ ରୋହିତ ଓ କୋହଲିଙ୍କୁ ଫେବୃଆରୀ ୬ରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ୩ ଟିକିଅ। ଦିନିକିଆ ସିରିଜରେ ଅଜିତ ଅଗରକରଙ୍କ ନେତୃାଧୀନ ଚୟନ କମିଟି ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଭାରତ ଦିନିକିଆରେ ଏହି ଗୋଟିଏ ମାତ୍ର ସିରିଜ ଖେଳିବ। ତେଣୁ ଉଭୟ ବିରାଟ ଓ କୋହଲିଙ୍କୁ ଏହି ସିରିଜରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି।

ଭାରତ ଫେବୃଆରୀ ୬ରେ ନାଗପୁରରେ ପ୍ରଥମ ଦିନିକିଅର ଖେଳିବାକୁ ଥିବା ବେଳେ କଟକରେ ଦ୍ୱିତୀୟ ମ୍ୟାଚ୍(୯ ଫେବୃଆରୀ) ହେବ। ସେହିପରି ଶେଷ ମ୍ୟାଚ୍ ଅହମଦାବାଦରେ ଫେବୃଆରୀ ୧୨ରେ ଖେଳାଯିବ। ଏହାପୂର୍ବରୁ ଭାରତ ଓ ଇଂଲଣ୍ଡ ଜାନୁଆରୀ ୨୨ରୁ ୫ ଟିକିଅ। ଟି-୨୦ ମ୍ୟାଚ୍ ଖେଳିବେ।

### ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନଶିପ୍

## ପ୍ରତିନିଧି କରି ଫେରିଲେ କନ୍ଧମାଳର ପ୍ରୀତମ ପ୍ରଧାନ

ରାଇକିଆ,୬।୧ : ନେପାଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନଶିପ୍‌ରେ ଭାରତ ତରଫରୁ ପ୍ରତିନିଧି କରି ଫେରିଛନ୍ତି କନ୍ଧମାଳ ଜିଲା ରାଇକିଆର ପ୍ରୀତମ ପ୍ରଧାନ। ସୋମବାର ଭବ୍ୟ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା ମଧ୍ୟମରେ ପ୍ରୀତମଙ୍କୁ ସ୍ୱାଗତ କରାଯାଇଛି ନେପାଳରେ ଡିସେମ୍ବର ୨୦ରୁ ଜାନୁଆରୀ ୨ ମଧ୍ୟରେ ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଦଳ ବିଜୟୀ ହୋଇଥିଲେ ରାଇକିଅ। ଅଞ୍ଚଳରୁ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାରେ ପ୍ରୀତମ ପ୍ରତିନିଧି କରିଥିବାରୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ବିଭିନ୍ନ ସଙ୍ଗଠନ ତରଫରୁ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

## ଫାଇନାଲରେ ଇଲେଭେନ ଷ୍ଟାର, ଯାଜପୁର



ଯାଜପୁର,୬।୧ : ଯାଜପୁର ସହରର କୁସୁମା ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ, କଟକ ଓ ଇଲେଭେନ ଷ୍ଟାର, ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର, ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନିଅନ୍ ସ୍ପୋର୍ଟିଂ, କଟକ ନିର୍ଦ୍ଧାରିତ ୩୦ଓଭର ମଧ୍ୟରୁ ୨୯.୫ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜ୍ୟୋତି ରଞ୍ଜନ ଦଳାଇ ୪୦ ରନ୍ ସଂଗ୍ରହ କରିଥିବା ବେଳେ ବିନାୟକ ସାହୁ ୩୦ରନ୍ ସଂଗ୍ରହ କରିଥିଲେ । ଇଲେଭେନ ଷ୍ଟାର, ଯାଜପୁର ର ବୋଲର ସାନ୍ତନୁ ଦାସ ୫ ଓଭର ବୋଲିଂ କରି ୪୩ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ରଜନୀକାନ୍ତ ଦାସ ୬ଓଭର ବୋଲିଂ କରି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଇଲେଭେନ ଷ୍ଟାର, ଯାଜପୁର ୨୨.୧ ଓଭର ଖେଳି ୪ ଉଇକେଟ୍ ହରାଇ ୧୮୩ ରନ୍ ସଂଗ୍ରହ କରି ୟୁନିଅନ ସ୍ପୋର୍ଟିଂ, କଟକକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଦଳ ପକ୍ଷରୁ ଅମିନ ଇକବାଲ ଖାନ୍ ୧୦୫ରନ୍ ସଂଗ୍ରହ କରି ଅପରାଜିତ ଥିବା ବେଳେ, ଶାନ୍ତନୁ ଦାସ ୬୮ରନ୍ ସଂଗ୍ରହ କରିଥିଲେ। ଆଜିର ଏହି ମ୍ୟାଚରେ ଇଲେଭେନ ଷ୍ଟାର, ଯାଜପୁର ର ଶାନ୍ତନୁ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଯାଜପୁର ସହର ର ଡ଼ିଜିଟାଲ ୱାର୍ଲ୍ଡର ମାଲିକ ତଥା ମେଲବୋର୍ଣ୍ଣ କ୍ରିକେଟ ଟିମ୍ ପୂର୍ବତନ ବରିଷ୍ଠ କ୍ରିକେଟିୟର ସଚ୍ଚିଦାନନ୍ଦ ଜେନା ପୁରସ୍କୃତ କରିଥିଲେ । ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର,ଜଗନ୍ନାଥ ବେହେରା, ବିଶ୍ୱଜିତ୍ ଦାସ, ସ୍ୱସ୍ତିକ ପହୀ, ଅନିଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ଜ୍ୟୋତିପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ।

## ବିଶ୍ୱରେକର୍ଡ କଲେ ଅଷ୍ଟ୍ରେଲିଆ ଅଧିନାୟକ

ସିଡନୀ,୬।୧ : ପ୍ୟାଟ କମିନ୍ସଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ। ୨୦୨୪-୨୫ରେ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା ଏହି ବିଜୟ ସହିତ, ପ୍ୟାଟ କମିନ୍ସ ଇତିହାସ ସୃଷ୍ଟି କରିଛନ୍ତି ଏବଂ ତାଙ୍କ ନାମରେ ଏକ ବଡ଼ ବିଶ୍ ରେକର୍ଡ ସୃଷ୍ଟି ହୋଇଛି। ସିରିଜର ଶେଷ ମ୍ୟାଚ ସିଡନୀରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ। ୬ ଉଇକେଟ ଜିତି ଟ୍ରଫି ୩-୧ରେ ଜିତିଥିଲା।

ଭାରତ ବିପକ୍ଷରେ ଖେଳାଯାଇଥିବା ସିରିଜରେ ସର୍ବାଧିକ ଉଇକେଟ ନେଇଥିବା ପ୍ୟାଟ କମିନ୍ସ ଦ୍ୱିତୀୟ ବୋଲର ହୋଇଥିଲେ ଅଷ୍ଟ୍ରେଲୀୟ ଅଧିନାୟକ ୫ଟି ମ୍ୟାଚରେ ହାରାହାରି ୨୧.୩୬ରେ ୨୫ ଉଇକେଟ ନେଇଥିଲେ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ୨୦୦ ଉଇକେଟ ନେଇଥିବା କମିନ୍ସ ପ୍ରଥମ ବୋଲର ହୋଇଥିଲେ। ସେ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ୨୫ ଉଇକେଟ ନେଇ ଏହି ସଫଳତା ହାସଲ କରିଛନ୍ତି। ସିଡନୀ ଟେଷ୍ଟରେ କମିନ୍ସ ଭାରତର ଦ୍ୱିତୀୟ ଇନିଂସରେ ୩ ଉଇକେଟ ନେଇଥିଲେ। ୱାଶିଂଟନ ସୁନ୍ଦରଙ୍କୁ ଆଉଟ୍ କରି ଅଷ୍ଟ୍ରେଲୀୟ ଅଧିନାୟକ ୨୦୦ ଉଇକେଟ ମାର୍କ ଛୁଇଁଥିଲେ।

ପ୍ୟାଟ କମିନ୍ସ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୬୭ଟି ଟେଷ୍ଟ ଖେଳିଛନ୍ତି ଏହି ମ୍ୟାଚର ୧୨୫ ଇନିଂସରେ ବୋଲିଂ କରୁଥିବାବେଳେ ସେ ୨୯୪ ଉଇକେଟ ନେଇଛନ୍ତି।

### ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସୁପର ଲିଗ୍ ମ୍ୟାଚ୍‌ରେ ଗୋପବନ୍ଧୁ କ୍ରିକେଟ କ୍ଲବ ବିଜୟୀ

କେନ୍ଦ୍ରାପଡ଼ା,୬।୧ : କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ୧୬ତମ ମ୍ୟାଚ୍‌ରେ ଗୋପବନ୍ଧୁ କ୍ରିକେଟ କ୍ଲବ ବିଜୟୀ ହୋଇଛି। ସୋମବାର ଦିନ ଗୋପବନ୍ଧୁ କ୍ରିକେଟ କ୍ଲବ ଓ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଗୋପବନ୍ଧୁ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୦ ଓଭରରେ ୯ ୱିକେଟ୍ ବିନିମୟରେ ୧୯୯ ରନ୍ କରିଥିଲା। ଜବାବରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ୩୬.୩ ଓଭରରେ ୧୦ ୱିକେଟ୍ ବିନିମୟରେ ୧୮୩ରନ୍ କରିଥିଲା। ଫଳରେ ଗୋପବନ୍ଧୁ କ୍ରିକେଟ କ୍ଲବ ୧୭ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଗୋପବନ୍ଧୁ କ୍ରିକେଟ କ୍ଲବର ଗୋବିନ୍ଦ ପଟ୍ଟନାୟକ ୮ଓଭର ବୋଲିଂ କରି ୨୯ରନ ଦେଇ ୩ଟି ୱିକେଟ୍ ନେଇଥିବା ବେଳେ ୬୩ଟି ବଲ୍‌ରେ ୪୮ ରନ୍ ବ୍ୟାଟିଂ କରି ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ । ସେହିପରି ଆକାଶ ଚନ୍ଦ୍ର ନାୟକ ୧୦୪ବଲରେ ୩ଟି ଛକା ଓ ୧୨ଟି ଚୌକାମାରି ୯୩ରନ କରିଥିବାରୁ ବେଷ୍ଟ ବ୍ୟାଷ୍ଟମ୍ୟାନ ଭାବରେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ କ୍ରିକେଟର ଜଗନ୍ନାଥ ସାହୁ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଆନନ୍ଦ ବେହେରା ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ।




## ଆୟର୍ଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୬।୧ : ଜାନୁଆରୀ ୧୦ରୁ ଭାରତୀୟ ମହିଳା ଦଳ ଆୟର୍ଲାଣ୍ଡ ବିପକ୍ଷରେ ଦିନିକିଅ। ସିରିଜ ଖେଳିବ ଭାରତରେ କ୍ରିକେଟ ବୋର୍ଡ ଅଫ କ୍ରିକେଟ ଏହି ସିରିଜ ପାଇଁ ଦଳ ଘୋଷଣା କରିଛି। ହରମାନପ୍ରୀତ କୌର ଏବଂ ରେଣୁକା ସିଂ ଟିମ ଇଣ୍ଡିଆରୁ ବାଦ୍ ଦିଆଯାଇଛି। ସ୍ମୃତି ମନ୍ଧାନାଙ୍କୁ ଏକ ବଡ ଦାୟିତ୍ୱ ଦିଆଯାଇଛି। ଆୟର୍ଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ମନ୍ଧାନା ଟିମ ଇଣ୍ଡିଆର ଅଧିନାୟକ ହେବେ।

ଭାରତ ଏବଂ ଅରୟର୍ଲାଣ୍ଡ ମଧ୍ୟରେ ତିନୋଟି ଦିନିକିଅ। ମ୍ୟାଚ ଖେଳାଯିବ। ଏହି ସମସ୍ତ ମ୍ୟାଚ ରାଜକୋଟରେ ଅନୁଷ୍ଠିତ ହେବ ମନ୍ଧାନା ଭାରତର ଅଧିନାୟକ ହେବେ। ସେ ଜଣେ ଅଭିଜ୍ଞ ଖେଳାଳି ଏବଂ ଅନେକ ଥର ଦୃଢ ପ୍ରଦର୍ଶନ କରିଛନ୍ତି। ଦୀପ୍ତି ଶର୍ମା ଟିମ ଇଣ୍ଡିଆର ଉପ-ଅଧିନାୟକ ହେବେ ଏମାନଙ୍କ ସହିତ ପ୍ରତୀକ ରାୱଲ ଏବଂ ହରଲିନ ଦେଓଲ ମଧ୍ୟ ଟିମ ଇଣ୍ଡିଆରେ ସ୍ଥାନ ପାଇଛନ୍ତି।ଶକ୍ତିଶାଳୀ ବ୍ୟାଟିଂରେ ହରଲିନ ଜଣେ ପାରଦର୍ଶୀ । ନିକଟରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ହାସଲ କରିଥିଲେ। ଅଭିଜ୍ଞ ଖେଳାଳିଙ୍କ ସହ ଯୁବ ଖେଳାଳିମାନେ ମଧ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି। ଉଇକେଟ କିପର ବ୍ୟାଟ୍ସମ୍ୟାନ ଉମା ଛେତ୍ରୀ, ମିନୁ ମଣି, ପ୍ରିୟା ମିଶ୍ର ଏବଂ ତନୁଜା କନାର ଦଳର ଏକ ଅଂଶ। ଏଥି ସହିତ ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଚା ଘୋଷ, ଜେମିମା ରୋଡ୍ରିଗେଜ ଏବଂ ରାଘବୀ ବିଷ୍ଟ ମଧ୍ୟ ଏକ ସୁଯୋଗ ପାଇଛନ୍ତି।ଭାରତୀୟ ଦଳ ଯଥେଷ୍ଟ ସନ୍ତୁଳିତ ଦେଖାଯାଉଛି ନିକଟରେ ଦିନିକିଅ। ସିରିଜରେ ୱେଷ୍ଟଇଣ୍ଡିଜକୁ ୩-୦ରେ ପରାସ୍ତ କରିଛି ଟିମ ଇଣ୍ଡିଅ। ଅଧିନାୟକ ହରମାନପ୍ରୀତ କୌର ଏବଂ ରେଣୁକା ସିଂଙ୍କୁ ବିଶ୍ରାମ ଦେଇଛି।

## ମିଷ୍ଟ୍ରିଗର୍ଲଙ୍କ ପାଇଁ ଚହଲ-ଧନଶ୍ରୀ ମଧ୍ୟରେ ହେବାକୁ ଯାଉଛି ଛାଡପତ୍ର !

ମୁମ୍ବାଇ,୬।୧ :ଦୀର୍ଘ ଦିନ ଧରି ଟିମ ଇଣ୍ଡିଆରୁ ବାଦ୍ ପଡ଼ିଥିବା ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବ୍ୟକ୍ତିଗତ ଜୀବନରେ ସବୁକିଛି ଠିକ ଚାଲିନାହିଁ ତାଙ୍କ ସ୍ତ୍ରୀ ଧନଶ୍ରୀ ଧର୍ମେନ୍ଦ୍ରଙ୍କ ସହ ଚହଲଙ୍କ ସମ୍ପର୍କରେ ମତଭେଦ ଥିବା ଚର୍ଚ୍ଚା ହେଉଛି।ଉଭୟ ସୋସିଆଲ ମିଡିଆରେ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। କେବଳ ଏତିକି ନୁହେଁ, ଚହଲ ସୋସିଆଲ ମିଡିଆରୁ ଧନଶ୍ରୀଙ୍କ ସହ ଜଡିତ ଫଟୋଗୁଡ଼ିକୁ ମଧ ହଟାଇ ଦେଇଛନ୍ତି ।ସେବେଠାରୁ ସେମାନଙ୍କ ଛାଡପତ୍ରକୁ ନେଇ ଅନେକ ଆଲୋଚନା ହେଉଛି।ତେବେ ସେମାନଙ୍କ ମଧ୍ୟରୁ କେହି ଏ ବିଷୟରେ କିଛି କହି ନାହାଁନ୍ତି। ଏହି ସମୟରେ ଚହଲଙ୍କୁ ମିଷ୍ଟି ଗର୍ଲ ସହିତ ଦେଖିବାକୁ ମିଳିଛି ଚହଲ କ୍ୟାମେରା ଦେଖିବା ମାତ୍ରେ ମୁହଁ ଲୁଚାଇ ରଖିଥିଲେ। ଚହାଲ ମୁମ୍ବାଇର ଜୁହୁରେ ମିଷ୍ଟି ଗର୍ଲ ସହିତ ନଜର ଆସିଥିଲେ ମିଷ୍ଟିଗର୍ଲଙ୍କ ସହିତ କାରରେ ଚହଲଙ୍କୁ ଦେଖିବାକୁ ମିଳିଥିଲା କ୍ୟାମେରା ଉଭୟଙ୍କୁ କଏଦ କରିବାକୁ ଚେଷ୍ଟା କରିଥିଲେ ସେତେବେଳେ ଭାରତୀୟ କ୍ରିକେଟର ତାଙ୍କ ମୁହଁ ଲୁଚାଇ ରଖିଥିଲେ। ସେବେଠାରୁ ଏହି ମିଷ୍ଟି ଗର୍ଲ ଧନଶ୍ରୀ ଏବଂ ଚହଲଙ୍କ ଛାଡପତ୍ର ଖବରର କାରଣ ବୋଲି ଆଲୋଚନା ହେଉଛି।

## ଦିବାରାତ୍ର ଟେନିସ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଖଣ୍ଡପଡ଼ା,୩।୧ : ଖଣ୍ଡପଡ଼ା ସହରସ୍ଥିତ ବାଇଲ ପଡିଆରେ କାଦୁଆସାହି କ୍ଲବଦ୍ୱାରା ଆୟୋଜିତ ଚତୁର୍ଥ ମହାବୀର ଏକଦିବାସୀୟ ଦିବାରତ୍ର ଟେନିସ ଟୁର୍ନାମେଣ୍ଟ ଦିନ ଉଦଯାପିତ ହୋଇଯାଇଛି । ଖଣ୍ଡପଡା ଓ ଆଖପାଖ ଅଞ୍ଚଳର ୧୬ ଟି ଟିମ କୁ ନେଇ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ମ୍ୟାଚ ଦିବା ଦୁଇ ଘଣ୍ଟିକା ସମୟରୁ ଆରମ୍ଭ ହୋଇ ମଧ ରାତ୍ର ଦୁଇଟା ପର୍ଯ୍ୟନ୍ତ ଖେଳ ଚାଲୁ ରହିଥିଲା। ଏହି ଟୁର୍ନାମେଣ୍ଟରେ ଖଣ୍ଡପଡାର ୪ ଟି ଟିମ ସମେତ ବେଣାଗାଡିଅ। ,କାଦୁଅ। ,ତେନ୍ତୁଳିଅ।ପଲ୍ଲୀ ,ମୁରାରିପୁର ,ନୀଳକଣ୍ଠ ପ୍ରସାଦ , ବାଦିଲୋ,ଦେଉଳି , ଖୁଣ୍ଟୁବନ୍ଧ ,ବାସୁଦେବପୁର ,ସୁନଖଲା ଓ ଗଣିଅ। ଆଦି ଟିମ ଭାଗନେଇଥିଲେ। ଶେଷରେ ଖଣ୍ଡପଡା କ୍ଲବକୁ ହରାଇ ତେନ୍ତୁଳିଆପଲ୍ଲୀକ୍ଲବ ଚଳିତ ବର୍ଷର ବିଜେତା ହୋଇଥିବା ବେଳେ ଖଣ୍ଡପଡାକ୍ଲବ ଉପବିଜେତା ହୋଇଅଛି । ଆଜିର ଖେଳରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଏନଏସି ୩ ନମ୍ବର ୱାର୍ଡ କାଉନସିଲର କୁମୁଦିନୀ ନାୟକ ,ସାମ୍ବାଦିକ ସନ୍ତୋଷ ସାହୁ ,ରାମଚନ୍ଦ୍ର ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିବା ଜଣାପଡିଛି । ମୃତ୍ୟୁଞ୍ଜୟ ବାରିକ ଓ ସୁର୍ଯ୍ୟକାନ୍ତ ପଶାୟତ ଖେଳକୁ ପରିଚାଳନା କରିଥିଲେ ଓ ଚନ୍ଦ୍ରକାନ୍ତ ନାୟକ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ । ଏହି ଦିବାରତ୍ର କ୍ରିକେଟ ଟୁର୍ନାମେଣ୍ଟ ଦେଖିବାପାଇଁ ଖଣ୍ଡପଡା ସହର ସମେତ ଆଖ ପାଖ ଅଞ୍ଚଳରୁ ସହ ସହ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିଥିଲେ ।



## ଭାର୍ଗବୀଙ୍କୁ ରୌପ୍ୟ

ଭୁବନେଶ୍ୱର: ଓଡ଼ିଶା ପିକଲ୍‌ବଲ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ହାଇ ହୋଣ୍ଡା ଓ ଗ୍ରାଣ୍ଡ ଆବାସଠାରେ ଆୟୋଜିତ ଜାତୀୟ ରାଙ୍କିଙ୍ଗ୍ ପିକଲ୍‌ବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ଭାର୍ଗବୀ କଲାଗା ରେପ୍ୟ ଜିତି ରାଜ୍ୟ ପାଇଁ ଗେରବ ଆଣିଛନ୍ତି ।ମହିଳା ଓପନ୍ ଏକକ ଫାଇନାଲ୍‌ରେ ଭର୍ଗବୀ ୧-୧୧, ୩-୧ରେ ଅନୁଜା ମାହେଶ୍ୱରୀଙ୍କଠୁ ହାରିଛନ୍ତି ସଂସ୍କୃତି ତୟାଲ କାଂସ୍ୟ ଜିତିଛନ୍ତି। ଓପନ୍ ଏକକ ପୁରୁଷରେ ତେଜାସ ମହାଜନ, ମୟୁର ପାଟିଲ ଓ ସୋନୁ କୁମାର ଏବଂ ପୁରୁଷ ଯୁଗଳରେ ତେଜାସ-ବଂଶିକ କପାଡ଼ିଆ, ରୋହିତ ପାଟିଲ-ସୋନୁ କୁମାର ଏବଂ କୁଳଦୀପ ମହାଜନ-ମୟୁର ପାଟିଲ ଯଥାକ୍ରମେ ସ୍ୱର୍ଣ୍ଣ, ରେପ୍ୟ, କାଂସ୍ୟ ଜିତିଛନ୍ତି ମହିଳା ଯୁଗଳରେ ଅନୁଜା ମାହେଶ୍ୱରୀ ଓ ବୃଶାଳି ଠାକ୍‌ରେ, ଅର୍ପଣା ଚେଧୁରୀ ଓ ସାକ୍ଷୀ ବଡିସ୍କର ଏବଂ ଅଞ୍ଜଳି ପୋଲ ଓ ଆରାଧ୍ୟା ସତପୁତେ ପ୍ରଥମ ୩ ସମ୍ମାନ ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଗୁଜ୍‌ଜିର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ, ଏଆଇପିଏର ସଭାପତି ଅରବିନ୍ଦ ପ୍ରଭୁ, ପିଏଓ ସଭାପତି ଶକ୍ତିରଂଜନ ଦାଶ, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଯୁଗ୍ମସମ୍ପାଦକ ଅନମୋଲ ଦାଶ ଯୋଗଦେଇଥିଲେ।

### ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ

## ଭୁଭେନାଇଲକୁ ହରାଇ ସେମିରେ ଜାଗୃତି କ୍ରିକେଟ୍ କ୍ଲବ

ଖୋର୍ଦ୍ଧ,୬।୧ : ସ୍ଥାନିୟ ଷ୍ଟାଡିୟମ ରେ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷ ରୁ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ ର ଦ୍ୱିତୀୟ ସଂସ୍କରଣ ଦ୍ୱିତୀୟ ଦିନ ମ୍ୟାଚ୍ ରେ ଜାଗୃତି କ୍ରିକେଟ୍ କ୍ଲବ ୪ ୱିକେଟ୍ ରେ ବିଜୟୀ ହୋଇ ପ୍ରଥମ ସେମିଫାଇନାଲ କୁ ଯାଇଛି। ଉଦଘାଟନୀ ମ୍ୟାଚ୍ ରେ ବିଜୟୀ ସୋଲାର କ୍ଲବ କଟକ ସହ ଜାଗୃତି କ୍ଲବ ପ୍ରଥମ ସେମିଫାଇନାଲ ମ୍ୟାଚ ଆସନ୍ତା କାଲି ଖେଳିବ। ଆଜିର ମ୍ୟାଚ୍ ସମ୍ପୁର୍ଣ୍ଣ ଚିତ୍ତାକର୍ଷକ ଥିଲା। ଜୁଭେନାଇଲ୍ କ୍ଲବ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନିର୍ଦ୍ଧାରିତ ୨୦ଓଭର୍ ରେ ଦଳ ୭ ୱିକେଟ୍ ହରାଇ ୧୬୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୩୫ବଲ ଖେଳି ସର୍ବାଧିକ ୪୯ରନ ସଂଗ୍ରହ କରିଥିବା ବେଳେ ନିତିନ୍ ନିରଞ୍ଜନ ୩୯ବଲ୍ ଖେଳି ୪୩ ରନ ସଂଗ୍ରହ କରିଥିଲେ। ୧୬୬ରନ ର ପିଛା କରି ଜାଗୃତି କ୍ରିକେଟ ଟିମ୍ ଖେଳ ଆରମ୍ଭ କରିଥିଲା ଶେଷ ଓଭରରେ ଜିତିବା ପାଇଁ ୧୭ରନ ଆବଶ୍ୟକ ଥିବା ବେଳେ ପ୍ରିୟ ରଞ୍ଜନ ୪ଟି ବଲରେ ଆବଶ୍ୟକୀୟ ରନ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ। ଶେଷ ବଲ ପର୍ଯ୍ୟନ୍ତ ମ୍ୟାଚ୍ ଚିତ୍ତାକର୍ଷକ ଥିଲା। ବିଜୟୀ ଜାଗୃତି କ୍ଲବ ପକ୍ଷରୁ ରଶ୍ମି ରଂଜନ ସର୍ବାଧିକ ୬୧ରନ ସଂଗ୍ରହ କରିବା ସହ ୨ଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର୍ କରି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚ୍ କୁ ଅମ୍ପିୟାର ଭାବେ ପ୍ରିତି ରଂଜନ ବଳିଆର ସିଂହ ଏବଂ ବିଜୟ କୁମାର ସିଂ ପରିଚାଳନା କରୁଥିବା ବେଳେ ଜନ୍ମଜୟ ଏବଂ ରବି ନାରାୟଣ ପରିଡ଼ା ସ୍କୋର ବୋର୍ଡ ପରିଚାଳନା କରିଥିଲେ। ବିଶିଷ୍ଟ କ୍ରୀଡାବିତ ତଥା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ର ବରିଷ୍ଠ ସଭ୍ୟ ବିମଳ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ରଶ୍ମି ରଂଜନ ନାୟକଙ୍କୁ ଦୁଇ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଆଗାମୀ କାଲି ପ୍ରଥମ ସେମିଫାଇନାଲ ସୋଲାର କ୍ଲବ କଟକ ଏବଂ ଜାଗୃତି କ୍ଲବ ଭୁବନେଶ୍ୱର ମଧ ରେ ଆୟୋଜିତ ହେବ ଆଜିର ମ୍ୟାଚ୍‌କୁ ଆସୋସିଏସନ୍ ସମ୍ପାଦକ ଭବାନୀ କୁମାର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ, ଏବଂ ସୋଉମ୍ୟ ରଂଜନ ମହାନ୍ତି, ପ୍ରମୁଖ ପରିଚାଳନା କରୁଥିଲେ।




Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ